## ସଂକ୍ଷେପରେ

### ଲୁଟ୍ ଉଦ୍ୟମ ବେଳେ ଯୁବକ ଗିରଫ

ଜୟପୁର,୨୭।୭(ନି.ପ୍ର.): ଜୟପୁର ହାତିଶାଳ ଦେଇ ଯାଉଥିବା ବାଇକ ଚାଳକଙ୍କଠାରୁ ଲୁଟ୍ ଉଦ୍ୟମ ବେଳେ ପୋଲିସ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଯୁବକ ହେଲେ ଗୋପବନ୍ଧୁ ନଗରର ବାଦଲ ନାଗ (୨୫)। ଜୟପୁର ଟାଉନ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ୨ ଜଣ ଯୁବକ ପଥଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ ଉଦ୍ୟମ କରୁଥିଲେ । ପୋଲିସକୁ ଦେଖି ସେମାନେ ଖସିଯିବାକୁ ଚେଷ୍ଟା କରିବା ବେଳେ ଏସ୍ଆଇ ଜିତେନ୍ଦ୍ର କୁମାର ନାୟକ ଗୋଡ଼ାଇ ଗୋଡ଼ାଇ ଜଣକୁ କାବୁ କରିଥିଲେ। ଅନ୍ୟ ଜଣକ ସେଠାରୁ ଚମ୍ପଟ ମାରିଥିଲେ। ଗିରଫ ବାଦଲଙ୍କଠାରୁ ଛୁରି ଜବତ କରାଯିବା ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସରସ୍ୱତୀ ବିଦ୍ୟାମନ୍ଦିରରେ କାରଗିଲ ବିଜୟ ଦିବସ

ଦାମନଯୋଡ଼ି,୨୭।୭(ଡି.ଏନ୍.ଏ.): ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରରେ ବିଂଶତମ କାରଗିଲ ବିଜୟ ଦିବସ ପାଳିତ ହୋଇଛି। ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅମର ଶହୀଦ ଯବାନଙ୍କ ବୀରତ୍ୱ ଗାଥାର ସ୍ମୃତିଚାରଣ କରାଯାଇଥିଲା। ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜୟପୁର,୨୭।୭(ନି.ପ୍ର.): ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଲିଗାଲ ଲିଟେରାସି କ୍ଲବ ପକ୍ଷରୁ ବିଦ୍ୟାଳୟ ପରିସରରେ କ୍ଲବର ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ, କ୍ଲବ ଭାରପ୍ରାପ୍ତ ଶିକ୍ଷକ ଜୟ ପ୍ରକାଶ ଚନ୍ଦ୍ର ମିଶ୍ର, ଓମ୍ପ୍ରକାଶ ମିଶ୍ର, ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼, ପ୍ରଭାତ କୁମାର ରଥ, ଦେବେନ୍ଦ୍ର କୁମାର ପାଢ଼ୀ, ଶିକ୍ଷୟିତ୍ରୀ ରଶ୍ମିତା ନାହାକ, ଶୁଭସ୍ମିତା ସାହୁ, ସୁଧା ପଟ୍ଟନାୟକ ଉପସ୍ଥିତ ଥିଲେ।

### ପିଲାଙ୍କୁ ମିଳିଲା ପ୍ରାଥମିକ ଚିକିତ୍ସା ତାଲିମ

ଜୟପୁର,୨୭।୭(ଡି.ଏନ୍.ଏ./ନି.ପ୍ର.): ଜୟପୁର ଉଚ୍ଚ ବିଦ୍ୟାଳୟରେ ଶନିବାର ଜୁନିୟର ରେଡକ୍ରସ ଶାଖା ପକ୍ଷରୁ ପ୍ରାଥମିକ ଚିକିତ୍ସା କର୍ମଶାଳା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ଦେବେନ୍ଦ୍ର ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦୁର୍ଘଟଣା କିମ୍ବା ଶରୀରରେ ସମସ୍ୟା ଦେଖାଦେଲେ ପ୍ରାଥମିକ ଚିକିତ୍ସା ପାଇଁ ତାଲିମ ଦେଇଥିଲେ। ଏଥିରେ ଜୁନିୟର ରେଡକ୍ରସ, ସ୍କାଉଟ, ପୋଲିସ କ୍ୟାଡେଟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ରେଡକ୍ରସ ପରାମର୍ଶଦାତା ଯଜ୍ଞେଶ୍ୱର ପଣ୍ଡା, ପ୍ରକାଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ, ସୁଜିତ ନାୟକ, ଦେବନ୍ଦର ପାଢ଼ୀ, କ୍ରୀଡ଼ା ଶିକ୍ଷକ ନରେଶ ଷଡ଼ଙ୍ଗୀ ପରିଚାଳନାରେ ସହାୟତା କରିଥିଲେ। ସେହିପରି ହାଇକୋର୍ଟର ସ୍ଥାପନା ଦିବସ ଅବସରରେ ଗତ ଶୁକ୍ରବାର ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ଆଜିଠୁ ମାଓବାଦୀଙ୍କ ଶହୀଦ ସପ୍ତାହ

ଜୟପୁର,୨୭।୭(ନି.ପ୍ର.)

ମାଓବାଦୀମାନେ ରବିବାରଠାରୁ ଶହୀଦ ସପ୍ତାହ ପାଳନ କରୁଛନ୍ତି। ଏଥିପାଇଁ ଅବିଭକ୍ତ କୋରାପୁଟ ଜିଲାରେ ହାଇଆଲର୍ଟ ଜାରି କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ଜୟପୁର-ମାଲକାନଗିରି ମଧ୍ୟରେ ବସ୍ ସେବା ବନ୍ଦ ରହିବା ସହ ଅବିଭକ୍ତ କୋରପୁଟରେ ୩୪ରୁ ଅଧିକ ସରକାରୀ ବସ୍ ଗଡ଼ିବ ନାହିଁ। ଜୟପୁର ଜୋନ୍‌ରେ ପାଖାପାଖି ୧୭ଟି ରୁଟ୍‌ରେ ବସ୍ ଚଳାଚଳ ବନ୍ଦ କରାଯାଇଛି । ସେହିପରି ମାଲକାନଗିରି ଜିଲା ରୁଟ୍‌ରେ ୨୦ଟି ସରକାରୀ ବସ୍, ପାରଳାଖେମୁଣ୍ଡି-ଫୁଲବାଣୀ ରୁଟ୍‌ରେ ୪ଟି, ଆନ୍ଧ୍ରର ଆରକୁ ଗୋଟିଏ ବସ୍, ଗୁପ୍ତେଶ୍ୱର ରୁଟ୍‌ରେ ଗୋଟିଏ, କୋଟିଆ ରୁଟ୍‌ରେ ୨ଟି, ପାର୍ବତୀପୁରମକୁ ଗୋଟିଏ, କାଶିପୁରକୁ ୨, ଭଦ୍ରାଚଳମକୁ ୨, ଗୁଣପୁରକୁ ୨ ଓ ଭାୟା ରାୟଗଡ଼ା ଦେଇ ଯାଉଥିବା ବ୍ରହ୍ମପୁର, ଭଞ୍ଜନଗର ଓ ଭୁବନେଶ୍ୱର ଯାଉଥିବା ୮ଟି ବସ୍ ଗଡ଼ିବ ନାହିଁ।



ଜୟପୁର ବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ସରକାରୀ ବସ୍।

ସେହିପରି ମାଲକାନଗିରି ଜିଲା ମୋଟୁରୁ ବିଶାଖାପାଟଣା ୨, ମାଲକାନଗିରିରୁ ଆନ୍ଧ୍ରକୁ ୬, ବ୍ରହ୍ମପୁର, ଭୁବନେଶ୍ୱରରୁ କୋରାପୁଟ-ମାଲକାନଗିରି ଆସୁଥିବା ୧୫, ଭବାନିପାଟଣାରୁ ମୋଟୁ ୨, ଇନ୍ଦ୍ରାବତୀ-ଚିତ୍ରକୋଣ୍ଡା ରୁଟ୍‌ରେ ୨, କାଶିପୁର ଭାୟା ଦଶମନ୍ତପୁର ରୁଟ୍‌ରେ ୨, ଭବାନିପାଟଣା-ମାଲକାନଗିରି, ନିଳାଦ୍ରିନଗର, ଫୁଲବାଣୀ ରୁଟ୍‌କୁ ମିଶାଇ ୩୫ଟି ରୁଟ୍‌ରେ ୪୦ରୁ ଅଧିକ ସରକାରୀ ବସ୍ ଚଳାଚଳ ବନ୍ଦ କରାଯାଇଛି। ଆସନ୍ତା ୩ ତାରିଖ ଯାଏ କୌଣସି ସରକାରୀ ବସ୍ ଗଡ଼ିବନି ବୋଲି ଡିଟିଏମ୍ ଚିତ୍ତରଞ୍ଜନ ସାହୁ କହିଛନ୍ତି। ଜିଲା ପୋଲିସ ସୀମାନ୍ତ ଅଞ୍ଚଳକୁ ସିଲ୍ କରିବା ସହ କୋମ୍ବିଂ ଅପରେଶନ ଜୋରଦାର କରିଛି। ଜିଲାର ସମସ୍ତ ଥାନାକୁ ହାଇ ଆଲର୍ଟ ଜାରି କରାଯାଇଥିବା କୋରାପୁଟ ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି।

- ହାଇ ଆଲର୍ଟ: ୩ ଯାଏ ଗଡ଼ିବନି ସରକାରୀ ବସ୍
- ଅବିଭକ୍ତ କୋରାପୁଟର ୩୫ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ

## ଜିଲାସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଫର୍ମୁଲା କହିଲେ ଜିଲାପାଳ

# ୫ 'ଟି'ରେ ଯୋଜନା ସଫଳ କରିବେ ଅଧିକାରୀ

କୋରାପୁଟ,୨୭।୭(ସ୍ୱ.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ 'ଟି' ଭାବେ ଟାଇମ, ଟ୍ରାନ୍ସପରେନ୍ସି, ଟିମ ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସଫର୍ମେସନ ଉପରେ ଯେଉଁ ସଫଳତାର ସୂତ୍ର ଦେଇଥିଲେ, ତାହାକୁ କାର୍ଯ୍ୟକାରୀ କରି ଜିଲାର ଅଧିକାରୀମାନେ ସରକାରୀ ଯୋଜନା ସଫଳ କରନ୍ତୁ। କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଶନିବାର ପ୍ରଥମକରି ନୂତନ ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ଏହାରି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ୫ 'ଟି' ଜରିଆରେ ସରକାରୀ ଯୋଜନା ଜନସାଧାରଣଙ୍କ ପାଖରେ ପହଞ୍ଚିବା ଓ ସେମାନେ ଏହାର ସୁଫଳ ପାଇବା ନେଇ ଜିଲାପାଳ ବିସ୍ତୃତ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, କୃଷି, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା, ଜଳସେଚନ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ପଶୁ ସମ୍ପଦ ବିଷୟରେ ସମୀକ୍ଷା କରାଯାଇଥିଲା। ପ୍ରତ୍ୟେକ ମାସର ୧୬ ତାରିଖରେ ସମସ୍ତ ତହସିଲଦାର, ବିଡିଓ, ଥାନା, ମେଡିକାଲ ଅଧିକାରୀ, ସିଡିପିଓ ନିଜ ସ୍ତରରେ ବୈଠକ କରି ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ଏହାର ବିସ୍ତୃତ ରିର୍ପୋଟ ଜିଲା ପ୍ରଶାସନକୁ ଦେବା ପାଇଁ କୁହାଯାଇଥିଲା। ଠିକା ଶିକ୍ଷକଙ୍କୁ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ, ଅବସର ଗ୍ରହଣ କରୁଥିବା ଶିକ୍ଷକଙ୍କୁ ପ୍ରୋଭିଜନାଲ ପେନସନ ସେହିଦିନ ହିଁ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଡିଆରଡିଏ ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ, କୋରାପୁଟ ଉପଜିଲାପାଳ ଲଳିତ କହଁର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦଧିବାମନ ତ୍ରିପାଠୀ, କୋରାପୁଟ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କାରୁ ସୋରେନ, ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଧାନ ଟୁଲି ଆମ୍ବା ସାମିଲ ଥିଲେ।



ବୈଠକରେ ଜିଲାପାଳ ପୋମା ଟୁଡୁଙ୍କ ସହ ଅନ୍ୟ ଅଧିକାରୀମାନେ।

## ୨୯ରେ ଶିକ୍ଷକ ବଦଳି କମିଟି ବୈଠକ

କୋରାପୁଟ,୨୭।୭(ସ୍ୱ.ପ୍ର.)

କୋରାପୁଟରେ ଶିକ୍ଷକଙ୍କ ବଦଳି ପାଇଁ ଆସନ୍ତା ୨୯ରେ ଜିଲାସ୍ତରୀୟ ବଦଳି କମିଟିର ବୈଠକ କରାଯିବ। ଜିଲା ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡାଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୩୯୯୧/୨୬-୭-୨୦୧୯ ଅନୁଯାୟୀ ସମ୍ପୃକ୍ତ ଅଫିସ୍‌ରେ ଏହି ବୈଠକ ବସିବ। ନିଜ ବଦଳି ପାଇଁ ଏଥିରେ ଅନଲାଇନ ଜରିଆରେ ଉଭୟ ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ଶିକ୍ଷକମାନେ ଆବେଦନ କରିଛନ୍ତି। ସେହିଦିନ ଜିଲାପାଳ କମିଟିର ଅଧକ୍ଷ ଭାବେ ଯୋଗଦେଇ ଶିକ୍ଷକଙ୍କ ବଦଳି ପାଇଁ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ନିଷ୍ପତ୍ତି ନିଆଯିବ। ଏଲିମେଣ୍ଟାରୀ ଶିକ୍ଷକଙ୍କ ପାଇଁ ଥିବା ବଦଳି କମିଟିରେ ଜିଲାପାଳ ଅଧକ୍ଷ ଥିବାବେଳେ ସଦସ୍ୟ ଭାବେ ସର୍ବଶିକ୍ଷା ଅଭିଯାନର ଜିଲା ସଂଯୋଜକ, ଆବାହକ ଭାବେ ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟ ସଦସ୍ୟ ଭାବେ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ରହିଛନ୍ତି। ସେହିପରି ସେକେଣ୍ଡାରୀ ଶିକ୍ଷକଙ୍କ ବଦଳି ପାଇଁ ହୋଇଥିବା କମିଟିରେ ଜିଲାପାଳ ଅଧକ୍ଷ, ଜିଲା ଶିକ୍ଷା ଅଧିକାରୀ କନଭେନର, କୋରାପୁଟ ଓ ନାରାୟଣ ପାଟଣାର ବିଇଓ ସଦସ୍ୟ ରହିଛନ୍ତି।

## କୋରାପୁଟ ଜିଲାରେ ପ୍ରବଳ ବର୍ଷା

# ମାଛକୁଣ୍ଡ ଡ୍ୟାମ୍‌ରେ ଖୋଲିଲା ଗେଟ୍

କୋରାପୁଟ/ଅନକାଡେଲି, ୨୭।୭(ସ୍ୱ.ପ୍ର.)

କୋରାପୁଟ ଜିଲାରେ ବର୍ତ୍ତମାନ ପ୍ରବଳ ବର୍ଷା ଜାରି ରହିଥିବାବେଳେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପର ଡି ଡ୍ୟାମ୍‌ରେ ଜଳସ୍ତର ୮୮ ମିଟରକୁ ବୃଦ୍ଧି ପାଇଛି। ତେଣୁ ପ୍ରକଳ୍ପ କର୍ତ୍ତୃପକ୍ଷ ଚଳିତ ବର୍ଷ ପ୍ରଥମଥର ପାଇଁ ମାଛକୁଣ୍ଡ ଡି ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲିଛନ୍ତି। ଡ୍ୟାମ୍‌ର ୮ ନମ୍ବର ଗେଟ୍‌କୁ ଖୋଲାଯାଇ ୬ ଇଞ୍ଚ ବ୍ୟବଧାନ ରଖିବା ପରେ ସେହି ବାଟ ଦେଇ ପ୍ରତି ଘଣ୍ଟାକୁ ୬ ଶହ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ଶୁକ୍ରବାର ରାତି ୧୦ଟାରୁ ଏହି ଗେଟ୍ ଖୋଲାଯାଇଥିବାବେଳେ ଶନିବାର ଅପରାହ୍ନ ୪ଟାରେ ବନ୍ଦ କରାଯାଇଛି। ସେହିପରି ଜଲାପୁଟ ଜଳଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ୮୮ ମିଟର ରହିଛି।

# ସରକାରୀ ମଜୁରି ପାଉନାହାନ୍ତି ଶ୍ରମିକ

## ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ପାଇପ ମିସ୍ତ୍ରି

ଜୟପୁର,୨୭।୭(ନି.ପ୍ର.)

ଜୟପୁର ଜନସ୍ୱାସ୍ଥ୍ୟ ବିଭାଗରେ ପାଇପ କାମ କରୁଥିବା ଶ୍ରମିକଙ୍କୁ ସରକାର ଧାର୍ଯ୍ୟ କରିଥିବା ପାରିଶ୍ରମିକ ଦିଆଯାଉ ନଥିବା ଅଭିଯୋଗ କରିଛନ୍ତି ଜଣେ ପାଇପ ମିସ୍ତ୍ରି। ଏନେଇ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ସହ ଏହାର ଶୀଘ୍ର ତଦନ୍ତ ପାଇଁ ଦାବି ହୋଇଛି। ଏହି ଅଭିଯୋଗରେ କୋରାପୁଟ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜୟପୁର ଜନସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଓ ଭବାନିପାଟଣା ଜନସ୍ୱାସ୍ଥ୍ୟ ବିଭାଗକୁ ପକ୍ଷଭୁକ୍ତ କରାଯାଇଛି। ଜୟପୁର ଓ କୋରାପୁଟ ଜନସ୍ୱାସ୍ଥ୍ୟ ବିଭାଗ ଅଧୀନ ଜୟପୁର, ମାଲକାନଗିରି, କୋଟପାଡ଼, ବାଲିମେଳା ଏବଂ ନବରଙ୍ଗପୁରରେ ସହରାଞ୍ଚଳ ବିକାଶ ଯୋଜନାରେ ପାଣି ପାଇପ ବିଛାଇବା କାର୍ଯ୍ୟ ଚାଲିଛି। କିନ୍ତୁ ଏହି ସବୁ କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକ ଠିକ୍ ପାରିଶ୍ରମିକ ପାଇପାରୁନାହାନ୍ତି । ୩୦ ଜାନୁଆରୀ ୨୦୧୮ରୁ ସରକାରଙ୍କ ବର୍ଦ୍ଧିତ ସର୍ବନିମ୍ନ ମଜୁରି ଲାଗୁ କରାଯାଇଛି । ଏହି ଅନୁସାରେ ଅଣକୁଶଳୀ ଶ୍ରମିକ ପୂର୍ବରୁ ୨୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୨୮୦ ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକ ପୂର୍ବରୁ ୨୨୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୩୨୦ ଟଙ୍କା, କୁଶଳୀ ଶ୍ରମିକ ପୂର୍ବରୁ ୨୪୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୩୭୦ ଟଙ୍କା ଏବଂ ଅତି କୁଶଳୀ ଶ୍ରମିକ ପୂର୍ବରୁ ୨୬୦ ଟଙ୍କା ପାଉଥିବା ବେଳେ ଏବେ ୪୩୦ ଟଙ୍କା ପାଇବା କଥା। କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗ ଏହି ନିୟମର ଖିଲାପ କରିଥିବା କମଳ ଲୋଚନ ସଗରିଆ, ଅଦୁଲୁ ଖିଲ, ସୁବାସ ଖରା, ସନ୍ୟାସୀ ମାଳି, ଅରୁଣ ମାଳି, କୃପା ମାଳି, ହରିବନ୍ଧୁ ଖୋସଲା, ମିରାନ ସେଠୀ, ପ୍ରତାପ ମହାପାତ୍ର, ହରିଶ୍ଚନ୍ଦ୍ର ଦାଶ, ନିରଞ୍ଜନ ଦାଶ ଜିଲା ଶ୍ରମ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି।

# ଗୁରୁବାର ଗିରଫ, ଶନିବାର ଜାମିନ

## ଜାମିନରେ ଆସିଲେ ୩ ପୋଲିସ ଅଧିକାରୀ

ଜୟପୁର,୨୭।୭(ଡି.ଏନ୍.ଏ.)

ଲାଞ୍ଚ ନେଉଥିବା ଅଭିଯୋଗରେ ଗୁରୁବାର ରାତିରେ ମାଲକାନଗିରି ଥାନା ଅଧିକାରୀ ଓ ଅନ୍ୟ ୨ଜଣ ଏସ୍ଆଇଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ଶୁକ୍ରବାର ଏମାନଙ୍କୁ ଜୟପୁର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଥିଲା। କିନ୍ତୁ ଶନିବାର ଏହି ୩ ଅଧିକାରୀଙ୍କୁ ଜାମିନ ମିଳିଯିବା ପରେ ସାଧାରଣରେ ଭ୍ରୁକୁଞ୍ଚନ ସୃଷ୍ଟି ହୋଇଛି। ଏହି ୩ ଅଧିକାରୀ ହେଲେ ମାଲକାନଗିରି ଥାନା ଅଧିକାରୀ ରଞ୍ଜନ ସାହୁ, ଏସ୍ଆଇ କୁନାଲ କୁମାର ଓ ମାନସ ସ୍ୱାଇଁ। ଶୁକ୍ରବାର କୋର୍ଟ ଚାଲାଣ ପରେ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଶ୍ରୀକାନ୍ତ ମିଶ୍ରଙ୍କ ଆଗରେ ସେମାନଙ୍କୁ ହାଜର କରାଯାଇଥିଲା । କିନ୍ତୁ ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ତିନି ପୋଲିସ ଅଧିକାରୀ ନିଜେ ନିଜର ଜାମିନ ଆବେଦନ ପାଇଁ ଜଜ୍‌ଙ୍କ ସମ୍ମୁଖରେ ଗୁହାରି କରିଥିଲେ। କିନ୍ତୁ ଜାମିନ ଶୁଣାଣି ସେହିଦିନ ସ୍ଥଗିତ ରଖାଯାଇଥିବା ବେଳେ ଶନିବାର ସେମାନଙ୍କ ଆବେଦନର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସେମାନଙ୍କୁ ଜାମିନ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମାଲକାନଗିରି ସ୍ଥିତ ଏକ ଘରୋଇ ଆବାସିକ ମହାବିଦ୍ୟାଳୟ ନିର୍ଦ୍ଦେଶକ ଓ ଅଧକ୍ଷ ଜାଲ ସାର୍ଟିଫିକେଟ ମାମଲାକୁ ରଫାଦଫା କରିବା ପାଇଁ ଏକ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ପୋଲିସ ଅଧିକାରୀ ଧରାପଡ଼ିଥିଲେ।

# ଦଶମନ୍ତପୁରରେ ସର୍ବାଧିକ ୭୪୬ ମିଲିମିଟର ବର୍ଷା ରେକର୍ଡ଼

କୋରାପୁଟ,୨୭।୭(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଶନିବାର ୭୪୬ ମିଲିମିଟର ବର୍ଷା ହୋଇଛି। ଜିଲାର ଦଶମନ୍ତପୁର ବ୍ଲକରେ ସର୍ବାଧିକ ୨୦୮ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି। କୋଟପାଡ଼ ବ୍ଲକରେ ୩୨ ମିମି, କୁନ୍ଦୁରା ବ୍ଲକରେ ୨୩ ମିମି, ଲମତାପୁଟ ବ୍ଲକରେ ୮୨.୪ ମିମି, ନନ୍ଦପୁର ବ୍ଲକରେ ୪୧.୨ ମିମି, ପଟ୍ଟାଙ୍ଗି ବ୍ଲକରେ ୨୪ ମିମି, କୋରାପୁଟ ବ୍ଲକରେ ୩୬.୪ ମିମି, ସେମିଳିଗୁଡ଼ା ବ୍ଲକରେ ୩୦ ମିମି, ବନ୍ଧୁଗାଁ ବ୍ଲକରେ ୬୭ ମିମି, ନାରାୟଣପାଟଣା ବ୍ଲକରେ ୪୧.୨ ମିମି, ଲକ୍ଷ୍ମୀପୁର ବ୍ଲକରେ ୭୦ ମିମି, ଜୟପୁର ବ୍ଲକରେ ୩୦.୪ ମିମି, ବୋରିଗୁମ୍ମା ବ୍ଲକରେ ୧୫.୪ ମିମି, ବୈପାରିଗୁଡ଼ା ବ୍ଲକରେ ୪୫ ମିମି ବର୍ଷା ରେକର୍ଡ଼ ହୋଇଥିବା ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ମନ୍ଦିର ନାଁ ନେଇ ବ୍ୟକ୍ତିଗତ ଜାଗାରେ ଆଖି

## ଜିଲାପାଳ, ଭିଜିଲାନ୍ସ ଏସ୍‌ପିଙ୍କୁ ଫେରାଦ ହେଲେ ପୀଡ଼ିତ

ଜୟପୁର,୨୭।୭(ନି.ପ୍ର.)

ବିହନ ଦେବତା ମନ୍ଦିର ନାଁ ନେଇ ଜଣେ ବ୍ୟକ୍ତିଙ୍କ ଜାଗା ଉପରେ ଦାଉ ସାଧିଛନ୍ତି କେତେ ଜଣ ଲୋକ। ତାଙ୍କ ଜାଗାରେ ଥିବା ଶୌଚାଳୟ ଓ ବଗିଚାକୁ ନଷ୍ଟ କରିଦେଇଛନ୍ତି। ପୀଡ଼ିତ କୋଟପାଡ଼ ବ୍ଲକର ନକୁଳ ପୂଜାରୀ ଏନେଇ ଜିଲାପାଳ ଓ ଭିଜିଲାନ୍ସ ଏସ୍‌ପିଙ୍କୁ ଚିଠି କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ କୋଟପାଡ଼ ବ୍ଲକ ଡମାହାଣ୍ଡି ପଞ୍ଚାୟତ ପଟିଆ ଗ୍ରାମର ନକୁଳ ପୂଜାରୀ ଭୂମିହୀନ ହୋଇଥିବାରୁ ସରକାର ତାଙ୍କୁ ଘର ଓ ଚାଷ ଜମି ପାଇଁ ୧୦ ମାଣ ଜମି ଦେଇଥିଲେ। ସେଠାରେ ୫୦ ବର୍ଷ ଧରି କୌଣସି ମନ୍ଦିର ନଥିଲା। ତେଣୁ ସେହି ଜମିରେ କୁଡ଼ିଆ କରି ନକୁଳ ତିନି ପୁଅ-ବୋହୂ, ୮ ନାତି ନାତୁଣୀଙ୍କ ସହ ରହୁଥିଲେ। କିନ୍ତୁ ପାଖ ଗାଁ ଭୁରୁଷିରୁ କେତେକ ଲୋକ ଏଥିରେ ଈର୍ଷାନ୍ୱିତ ହୋଇ ସେଠାରୁ ତାଙ୍କୁ ବିତାଡ଼ିତ କରିବା ପାଇଁ ବିହନ ଦେବତାଙ୍କ ନାଁ ନେଇ ହଇରାଣ କରିବାରେ ଲାଗିଛନ୍ତି। ଏପରିକି ତାଙ୍କ ବଗିଚା ନଷ୍ଟ କରିଦେବା ସହ ୨ଟି ପାଇଖାନା ଭାଙ୍ଗି ଦେଇଛନ୍ତି । ବଗିଚାରେ ଥିବା ମୂଲ୍ୟବାନ ୪୦ ବର୍ଷର ଶାଗୁଆନ ଗଛ ସହ ୧୦ ମାଣ ଜମିରେ ସେ କରିଥିବା ଧାନ ଫସଲ କାଟିନେଇଥିବା ନକୁଳ ଅଭିଯୋଗ କରିଛନ୍ତି। ଏନେଇ ସେ କୋଟପାଡ଼ ଥାନା, ବନ ବିଭାଗ ଓ ତହସିଲଦାରଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ଫଳ ହୋଇନାହିଁ। ତେଣୁ ଏହି ଘଟଣାର ତଦନ୍ତ ପାଇଁ ସେ ଜିଲାପାଳ, ଏସ୍‌ପି, ଜୟପୁର ବନଖଣ୍ଡ ଅଧିକାରୀ, ଭିଜିଲାନ୍ସ ଏସ୍‌ପି, ବୋରିଗୁମ୍ମା ଏସ୍‌ଡିପିଓଙ୍କୁ ଜଣାଇଛନ୍ତି।

- ବିହନ ଦେବତାଙ୍କ ନାଁରେ ଜାଗାରୁ ତଡ଼ିବାକୁ ଚେଷ୍ଟା
- ପାଇଖାନା ଭାଙ୍ଗିଦେଲେ, ଶାଗୁଆନ ଗଛ, ଧାନଫସଲ କାଟିନେଲେ

## ଫଟୋରେ ଖବର...




ଦାମନଯୋଡ଼ି ନାଲକୋ ପକ୍ଷରୁ ଆବାସିକ ଶିକ୍ଷା କାର୍ଯ୍ୟକ୍ରମରେ ପାରିପାର୍ଶ୍ୱିକ ଅଞ୍ଚଳରୁ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ ହୋଇଛନ୍ତି।




ସୁନାବେଡ଼ା ଉତ୍କଳ କରାଟେ ସ୍କୁଲର ସାର୍ ଆନିତେଜ ରେଡ୍ଡୀ କୋଲକାତାରେ ହେବାକୁ ଥିବା ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।




ଜୟପୁର ଉଚ୍ଚ ବିଦ୍ୟାଳୟରେ ଶନିବାର ଜୁନିୟର ରେଡକ୍ରସ ଶାଖା ପକ୍ଷରୁ ଆୟୋଜିତ କର୍ମଶାଳାରେ ପିଲାଙ୍କୁ ପ୍ରାଥମିକ ଚିକିତ୍ସା ତାଲିମ ଦିଆଯାଉଛି।

## ସଂକ୍ଷେପରେ

### ବର୍ଷାରେ ଭାଙ୍ଗିଲା ଦୋକାନ

**ଟିକିରି, ୨୭।୭ (ଡି.ଏନ୍‌.ଏ.)** ରାୟଗଡ଼ା ଜିଲା କାଶିପୁର ବ୍ଲକରେ ଦୁଇଦିନ ଧରି ହୋଇଥିବା ବର୍ଷାରେ ଟିକିରି ମେନ୍‌ରୋଡ୍ ପାର୍ଶ୍ୱରେ ଥିବା ଭରତ ସାହୁ ଓ ରବି ମେଦିରିଙ୍କ ଦୋକାନ ଭାଙ୍ଗିଯାଇଛି। ଭରତ ସାହୁଙ୍କ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ରବି ମେଦିରିଙ୍କ ଦୋକାନର କିଛି ଅଂଶ ଭାଙ୍ଗିଯାଇଛି। ଏହି ଦୋକାନ ଉପରେ ଉଭୟ ନିର୍ଭର କରି ଘର ଚଳାନ୍ତି। ଏବେ ବେରୋଜଗାର ହେଇ ଯାଇଥିବାରୁ ସେମାନେ ସରକାରୀ ସହାୟତା ଦାବି କରିଛନ୍ତି।

### ମାତୃ ସମ୍ମିଳନୀ

**ରାୟଗଡ଼ା ଅଫିସ, ୨୭।୭-** ରାମକୃଷ୍ଣନଗରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଶିଶୁବାଟିକା ବିଭାଗରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉପସଭାପତି ଅଞ୍ଜଳି ପଣ୍ଡା, ସମ୍ପାଦକ ମୁରଲୀଧର ଦାଶ, ସଦସ୍ୟା ପଦ୍ମାବତୀ ସା, ପ୍ରଧାନାଚାର୍ଯ୍ୟ ରମେଶ ଚନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ଶିଶୁମନ୍ଦିର ଯୋଜନା ସମ୍ବନ୍ଧରେ ମାର୍ଗଦର୍ଶନ ଦେଇଥିଲେ। ଶିଶୁବାଟିକାର ସମସ୍ତ ଅଭିଭାବିକାମାନେ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ସସ୍ମିତା ଜେନା ଧନ୍ୟବାଦ ଦେଇଥିଲେ।

### ରକ୍ତଦାନ ଶିବିର

**ଗୁଣପୁର,୨୭।୭(ଡି.ଏନ୍‌.ଏ.)-** ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଶ୍ୱବିଦ୍ୟାଳୟ ଉପସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ.ଗୌତମ ଘୋଷ, ରେଜିଷ୍ଟ୍ରାର ଡ. ଏନ୍‌.ଭି.ଜେ ରାଓ, ପ୍ରିନ୍ସିପାଲ ଡ. କେ. ସେନ୍ଥିଲ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଗୁଣପୁର ରକ୍ତ ଭଣ୍ଡାର ଡାକ୍ତର ଲକ୍ଷ୍ମଣ ପାତ୍ର, ଟେକ୍ନିସିଆନ ସୁରଚି ରାଣୀ ପାତ୍ର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏନ୍‌ଏସ୍‌ଏସ୍‌ର ଆବାହକ ଡ.ପ୍ରେମାଂଶୁ ରଥ, ତାପସ ଟୁଆଲସିଂ, ରଞ୍ଜିତ ପଟ୍ଟନାୟକ, ରଶ୍ମିପ୍ରଭା ମହାରଣା, ସଦାନନ୍ଦ ସାହୁ, ଏସ. ଶିବାଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କହିଥିଲେ। ସଂଗୃହୀତ ରକ୍ତକୁ ଗୁଣପୁର ରକ୍ତ ଭଣ୍ଡାରକୁ ଦିଆଯାଇଛି।

### ପୂର୍ବତନ ବ୍ଲକ ଅଧ୍ୟକ୍ଷ, ବ୍ଲକ କର୍ମଚାରୀଙ୍କ ମଧ୍ୟରେ ବୈଠକ

**ରାମନାଗୁଡା,୨୭।୭(ଡି.ଏନ୍‌.ଏ.)-** ରାମନାଗୁଡ଼ାର ବ୍ଲକ ସହକାରୀ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗ ଗୁରୁବାର ରାତିରୁ ଧାରଣାରେ ବସିଥିଲେ। ଶୁକ୍ରବାର ବିଡିଓ ସୁଧାକର ରଇତଙ୍କ ହସ୍ତକ୍ଷେପ ପରେ ଏହାର ସମାଧାନ ହୋଇଥିଲା। ସହକାରୀ ଯନ୍ତ୍ରୀ ମନମୁଖି କାର୍ଯ୍ୟ କରି ଏକ ନିର୍ଦ୍ଦିଷ୍ଟ ଦଳର କାମ କରୁଥିବା ନେଇ ପୁରୁଷୋତ୍ତମ ଅଭିଯୋଗ କରିଥିଲେ। ସହକାରୀ ଯନ୍ତ୍ରୀ କିନ୍ତୁ ଏହାକୁ ଖଣ୍ଡନ କରିଥିଲେ। ଦଳଗତ ନିର୍ବିଶେଷରେ କାମ କରାଯାଉଛି ବୋଲି ସେ କହିଥିଲେ। ପୁରୁଷୋତ୍ତମ ଗମାଙ୍ଗ କହିବା ପ୍ରକାରେ ବ୍ଲକ କର୍ମଚାରୀ କୌଣସି ରାଜନୈତିକ ଦଳକୁ ସୁହାଇଲା ଭଳି କାମ କରିବେ ନାହିଁ। ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣଗ୍ରାହୀ ଏଥିରେ ରାଜି ହେବାରୁ ଘଟଣା ଶାନ୍ତ ପଡିଥିଲା। ଏହି ଆଲୋଚନା ବେଳେ ଅନ୍ୟମାନଙ୍କ ମଧ୍ୟରେ ପରିଖିତି ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗି, ଗୁଲୁଣ୍ଡି ସରପଞ୍ଚ ସୁଶିଳା ନିମାଇ ପ୍ରମୁଖ ଉପସ୍ଥିତ ଥିଲେ।

■ ରାୟଗଡ୍ରାରେ ଗାଁ କଲ୍ୟାଣ ସମିତି ବୈଠକ

# 'ସୁସ୍ଥ ଗାଁ, ସୁସ୍ଥ ପଞ୍ଚାୟତ' ଗଠନ ଉପରେ ଗୁରୁତ୍ୱ

**ରାୟଗଡ଼ା ଅଫିସ, ୨୭।୭**

ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଲାଗି ଗାଁ କଲ୍ୟାଣ ସମିତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଗାଁ ଗହଳିରେ ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଗାଁ କଲ୍ୟାଣ ସମିତି ହାତରେ ରହିଛି। ସମିତି ଅଧିକ କ୍ରିୟାଶୀଳ ହୋଇ ପାରିଲେ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୋଇପାରିବ। ରାୟଗଡ଼ା ଅଶୋକ କଲ୍ୟାଣ ମଣ୍ଡପରେ ଗାଁ କଲ୍ୟାଣ ସମିତି ସଦସ୍ୟଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏକ ବୈଠକରେ ସିଡିଏମ୍‌ଓ ଡା.ଶକ୍ତିବ୍ରତ ମହାନ୍ତି ଏହା କହିଛନ୍ତି। ଜମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଡା ପ୍ରଦୀପ୍ତ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଚେୟାରମ୍ୟାନ ପି.ରାମୁଲୁ ଓ ଜିଲା ପରିଷଦ ସଦସ୍ୟ ପି.ଗୌରୀ ଶଙ୍କର ଉପସ୍ଥିତ ଥିଲେ।


ବୈଠକରେ ସିଡିଏମ୍‌ଓଙ୍କ ସମେତ ଅନ୍ୟମାନେ।

ଗାଁ କଲ୍ୟାଣ ସମିତିର ଆବଶ୍ୟକତା ଓ ତାର ସଫଳ କାର୍ଯ୍ୟକାରିତା ଉପରେ ଏବିଡିଓ ନୃସିଂହ ଚରଣ ପଟ୍ଟନାୟକ ଓ ପୁଷ୍ପାଞ୍ଜଳି ମିଶ୍ର କହିଥିଲେ। ସମାବେଶରେ ଉପସ୍ଥିତ ଗାଁ କଲ୍ୟାଣ ସମିତି ସଦସ୍ୟମାନେ ନିଜର ସଫଳ ଅନୁଭୂତି ବଖାଣିଥିଲେ। ଗାଁ କଲ୍ୟାଣ ସମିତିକୁ ପ୍ରଭାବଶାଳୀ କରିବା ଲାଗି ଚଳିତ ବର୍ଷ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରଥମ ଥର ଲାଗି ୧୧ଟି ପରିସରରେ 'ସ୍ୱଚ୍ଛତା ଲାଗି ବିଶ୍ୱାସ' ଅଭିଯାନ ଶୁଭାରମ୍ଭ କରାଯାଇଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା, ପାଇଖାନାର ବ୍ୟବହାର, ମଶାରି ଟାଙ୍ଗି ଶୋଇବା, ଶୁଦ୍ଧ ପାଣି ପିଇବା ଉପରେ ସଚେତନ କରାଯାଇଥିଲା। ଏଥିସହ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ କାରଣ ଓ ନିରାକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ 'ସୁସ୍ଥ ଗାଁ ଓ ସୁସ୍ଥ ପଞ୍ଚାୟତ' ଗଠନ ଉପରେ ଗୁରୁତ୍ୱ ଦେବା ସହ ଏଥିପାଇଁ ଥିବା ମାନଦଣ୍ଡ ଉପରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ଓ ସମିତି ସଦସ୍ୟମାନଙ୍କୁ ବୁଝାଯାଇଥିଲା। ବିପିଏମ୍ କଳ୍ପନା ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ପିଏଚଓ ସଂଯୁକ୍ତା ବେହେରା ସମାବେଶ ପରିଚାଳନା କରିଥିଲେ।

■ ମ୍ୟାଲେରିଆରେ ଛାତ୍ରୀ ମୃତ୍ୟୁ ଘଟଣା

# ସ୍କୁଲ ଯାଇ ତଦନ୍ତ କଲା ପ୍ରଶାସନ

**ରାୟଗଡ଼ା ଅଫିସ, ୨୭।୭**

ରାୟଗଡ଼ା ବ୍ଲକ ବଡ଼ଇରୁକୁବାଡ଼ି ପଞ୍ଚାୟତ ସଦର ମହକୁମାସ୍ଥିତ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ରୀ ଜୟନ୍ତୀ ତାଡିଙ୍ଗୀ(୧୧) ଶୁକ୍ରବାର ମ୍ୟାଲେରିଆରେ ପ୍ରାଣ ହରାଇ ଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ସେ ପ୍ରାଣ ହରାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ ପାଇଁ ବିଇଓ ରଜନୀକାନ୍ତଙ୍କ ନେତୃତ୍ୱରେ ଏବିଇଓ ଗୁଣଗ୍ରାହୀ ଶବର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଞ୍ଚାନନ ଖଣ୍ଡୁଆଳ, ବିଆର୍‌ସି ବଳରାମ ହୁଇକା, ସିଆର୍‌ସିସି ନୃସିଂହ ଚରଣ ବେହେରା ଶନିବାର ସ୍କୁଲକୁ ଯାଇଥିଲେ। ତଦନ୍ତକାରୀ ଟିମ୍ ପ୍ରଥମେ ସ୍କୁଲ ଛାତ୍ରୀନିବାସକୁ ଯାଇଥିଲେ। ସେଠାରେ ୨୯ଜଣ ଛାତ୍ରୀ ମ୍ୟାଲେରିଆରେ ପୀଡିତ ଥିବା ଜଣାପଡିଥିଲା। ଔଷଧ ସେବନ ସହ ମଶାରୀ ବ୍ୟବହାର କରିବାକୁ ତଦନ୍ତକାରୀ ଟିମ୍ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ତେବାସୀଙ୍କ ମଧ୍ୟରୁ ୬୦ ଜଣଙ୍କୁ ମଶାରୀ ମିଳି ଥିବା ବେଳେ ଅନ୍ୟମାନଙ୍କୁ ମିଳିନି ବୋଲି ଅଭିଯୋଗ ହୋଇଥିଲା। ପରେ ସ୍କୁଲ ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ହଷ୍ଟେଲ ମାଟ୍ରନଙ୍କୁ ତଦନ୍ତକାରୀ ଟିମ୍ ପରିସରଭୁକ୍ତ କରିଥିଲା। ଗ୍ରୀଷ୍ମ ଛୁଟି ପରେ ସ୍କୁଲରେ ସ୍ୱାସ୍ଥ୍ୟ ଶିବିର କରାଯାଇ ନାହିଁ। ସ୍କୁଲରେ ତଦନ୍ତ କରିବା ପରେ ଟିମ୍ ମୃତ ଛାତ୍ରୀ ଜୟନ୍ତୀଙ୍କ ଗାଁ କୁ ଯାଇ ତାଙ୍କ ପରିବାରକୁ ଭେଟିଥିଲେ। ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଯିଏ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ କହିଛନ୍ତି।


ସ୍କୁଲରେ ତଦନ୍ତକାରୀ ଟିମ୍।

■ ଆଇନ ସଚେତନତା କାର୍ଯ୍ୟକ୍ରମ

# ଶିଶୁ ସୁରକ୍ଷା ଆଇନ ଉପରେ ଜାଣିବା ଜରୁରୀ



ଶିବିରରେ ଉପସ୍ଥିତ ଅତିଥି।

**ରାୟଗଡ଼ା ଅଫିସ, ୨୭।୭**

ରାୟଗଡ଼ାସ୍ଥିତ ଆର୍‌ଏସ୍‌ଇଡବ୍ଲ୍ୟୁସି ଉଚ୍ଚ ବିଦ୍ୟାଳୟରେ ଶିଶୁ ସୁରକ୍ଷା ଆଇନ, ବାଧ୍ୟତାମୂଳକ ଶିକ୍ଷା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ ସୋମଶେଖର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ସୁନନ୍ଦା ପାଢୀ, ବରିଷ୍ଠ ଦେୱାନୀ ବିଚାରପତି ସୁଚରିତା ମହାନ୍ତି, ଅନୁବିଭାଗୀୟ ଦଣ୍ଡାଧିକାରୀ ଶତରୂପା ଶତପଥୀ, ଗ୍ରାମ ନ୍ୟାୟାଳୟ ନ୍ୟାୟାଧିକାରୀ ବୈଶାଳ ନାୟକ, ସବଡିଭିଜନାଲ ପୋଲିସ ଅଧିକାରୀ ତପନ କୁମାର ରଥ, ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ରାଜକିଶୋର ସାହୁ ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା ଆଇନ ସମ୍ବନ୍ଧରେ ସଭିଏଁ ଜାଣିବା ଜରୁରୀ ବୋଲି ଅତିଥିମାନେ କହିଛନ୍ତି। ଓକିଲ ସାମୁଏଲ ତାଣ୍ଡି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ନିକୁଞ୍ଜ ପ୍ରଧାନ, ସଙ୍ଗୀତା ମଞ୍ଜରୀ ବେହେରା, ଆରଏସଇଡବ୍ଲ୍ୟୁସି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଏସ. ଆଶାଲତା, ଓକିଲ ପ୍ରଣତି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆରଏସଇଡବ୍ଲ୍ୟୁସି ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

### କାଶୀପୁରରେ ବ୍ଲକସ୍ତରୀୟ ଆତ୍ମନିଯୁକ୍ତି ଶିବିର

**କାଶୀପୁର/ ଟିକିରି, ୨୭।୭ (ଡି.ଏନ୍‌.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓର୍‌ମାସ ସିଇଓ ମନୋଜ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ଦେବଧର ପ୍ରଧାନ, ଏବିଡ଼ିଓ ବଳରାମ ପାତ୍ର, ତହସିଲଦାର ସୌଭାଗ୍ୟ ବେହେରା, କାଶୀପୁର ଥାନାଧିକାରୀ ଦୁର୍ଗା ମାଧବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବ୍ଲକରୁ ବିଭିନ୍ନ ସ୍ଥାନରୁ ଆସିଥିବା ୧୬୬ ଯୁବତୀ ଯୁବକଙ୍କ ନାମ ପଞ୍ଜିକରଣ କରାଯାଇଥିଲା। ଏହି ଅବସରରେ ମୋବାଇଲ, କମ୍ପ୍ୟୁଟର, ସିଲାଇ, ସିକ୍ୟୁରିଟି ଗାର୍ଡ ଆଦି ଟ୍ରେଡ୍ ବିଷୟରେ ରାୟଗଡ଼, ଗୁଣପୁର, ଖୋର୍ଦ୍ଧା, ଭୁବନେଶ୍ୱରରୁ ଆସିଥିବା ୭ଟି କମ୍ପାନୀ ଯୋଗ ଦେଇଥିଲେ। ଆବଶ୍ୟକ ପ୍ରଶିକ୍ଷଣ ପରେ ଦକ୍ଷତା ଲାଭ କରି ନିଜେ ନିଜେ ଉଦ୍ୟୋଗମାନ ଖୋଲି ଆତ୍ମନିର୍ଭରଶୀଳ ହେବାକୁ ଉପସ୍ଥିତ ଯୁବତୀ ଯୁବକଙ୍କୁ ପରାମର୍ଶ ଦିଆଯାଇଥିଲା। ପଞ୍ଜୀକୃତ ୧୬୬ ଜଣ ମଧ୍ୟରୁ ୧୦୫ ଜଣଙ୍କୁ ମନୋନୀତ କରାଯାଇଥିଲା। ପରେ ସେହି ୧୦୫ ଜଣଙ୍କୁ କମ୍ପାନୀ ତାଲିମ କାଉନସିଂଲଙ୍ଗ କରିଛି।

### ନାବାଳିକାଙ୍କ ମୃତ୍ୟୁ

**ଦୁର୍ଗୀ, ୨୭।୭(ଡି.ଏନ୍‌.ଏ.)**

ବିଷମକଟକ ବ୍ଲକ ବେଡିଆପଡା ପଞ୍ଚାୟତରେ ଶନିବାର ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ କାଶୀପୁର ବ୍ଲକ କୋଟପାରି ପଞ୍ଚାୟତ ରେଲପାଟି ଗାଁର ନରସିଙ୍ଗ ମାଝିଙ୍କ ଝିଅ ଅମିକା (୧୫)। ଅମିକା ବେଡିଆପଡାଠାରେ ନିର୍ମାଣ ଚାଲିଥିବା ଏକ ଚେକ୍‌ଡ୍ୟାମରେ ଶ୍ରମିକ ଭାବେ କାମ କରନ୍ତି। ଶନିବାର ସକାଳେ ତାଙ୍କ ପେଟ କାଟୁଥିବା ନେଇ ସେଠାରେ ଥିବା ଅନ୍ୟ ଶ୍ରମିକଙ୍କୁ ସେ ଜଣାଇଥିଲେ। କିନ୍ତୁ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

■ କାରଗିଲ ବିଜୟ ଦିବସ

# ଦେଶ ସେବା ପାଇଁ ଶପଥ

**ଗୁଣପୁର,୨୭।୭(ଡି.ଏନ୍‌.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ଡମ୍ବସରା ଯୁକ୍ତ ୨ କଲେଜରେ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ସମେତ ଅଧ୍ୟାପକ ଏବଂ କର୍ମଚାରୀମାନେ ଉପସ୍ଥିତ ରହି କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ଅତିଥିମାନେ ଯୁଦ୍ଧର ସ୍ମୃତି ଚାରଣ କରିଥିଲେ। ଦେଶ ମାତୃକାର ସେବା, ସୁରକ୍ଷା ନେଇ ଉପସ୍ଥିତ ଲୋକେ ସଂକଳ୍ପ ନେଇଥିଲେ। କଲେଜ ଅଧ୍ୟକ୍ଷ ବିଦ୍ୟାଧର ନାହାକଙ୍କ ସମେତ ଅଧ୍ୟାପକ ଡ.ପ୍ରଶାନ୍ତ ହୋତା, ଭାସ୍କର ସାମନ୍ତରା, ଶେଷସାୟୀ ସେନାପତି, ସନ୍ତୋଷ ଓତା, ବରିଷ୍ଠ କିରାଣି ସହଦେବ ମଲିଫୁଲ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।


ଛାତ୍ରୀଛାତ୍ର ଓ ଅନ୍ୟମାନେ ଶପଥ ନେଉଛନ୍ତି।

# ସ୍କୁଲ ପରିଚାଳନାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ମୁନିଗୁଡା, ୨୭।୭ (ଡି.ଏନ୍‌.ଏ.)**

ମୁନିଗୁଡ଼ାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶନିବାର ଅଭିଭାବକ-ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ସୁପରିଚାଳନାରେ ଗ୍ରାମବାସୀ ଏବଂ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାଶଙ୍କ ସଂଯୋଜନା ଏବଂ ପରିଚାଳନା କମିଟି ସଭାନେତ୍ରୀ ତିଳୋତ୍ତମା ପୁସିକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଅଧିବେଶନରେ ଗୁଣପୁର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି ମୁଖ୍ୟ ଅତିଥି ଭାବେ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଯୋଗ ଦେଇଥିଲେ। ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲିକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଏବଂ ବିଷମକଟକ ବିଧାୟକଙ୍କ ପ୍ରତିନିଧି ରତନଲାଲ ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାରଙ୍କର ବହୁମୁଖୀ ଯୋଜନା, ବିଦ୍ୟାଳୟ ପରିଚାଳନା ଦିଗରେ ଅଭିଭାବକମାନଙ୍କର ଭାଗିଦାରୀତା, ଶିକ୍ଷୟିତ୍ରୀ, ଶିକ୍ଷକ, ୱାର୍ଡେନ୍ ମେଟ୍ରନ, ଏଏନ୍‌ଏମ୍ ଏବଂ ପାଚିକାମାନଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ କହିଥିଲେ। ବିଦ୍ୟାଳୟ ପାଇଁ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଅଭିଭାବକମାନେ ଦାବି କରିଥିଲେ।

# ଜାଭିୟର ସ୍କୁଲରେ ମାତୃପିତୃ ଦିବସ

**ରାୟଗଡ଼ା ଅଫିସ, ୨୭।୭**

ସ୍କୁଲ ରାୟଗଡ଼ା ସହର ନିଉ କଲୋନୀସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ଶନିବାର ମାତୃପିତୃ ଦିବସ ପାଳିତ ହୋଇଛି। ଛାତ୍ରୀଛାତ୍ରମାନେ ନିଜ ମା' ବାପାଙ୍କୁ ପୂଜା କରି ସେମାନଙ୍କ ଆଶୀର୍ବାଦ ନେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ପାତ୍ର ଆମ ଜୀବନରେ ମା' ବାପାଙ୍କ ମହତ୍ତ୍ୱ ଓ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ। ଶେଷରେ ଅଭିଭାବକମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଓ ସ୍କୁଲ ବ୍ୟାଗ ପ୍ରତିଯୋଗିତା କରାଯାଇଥିଲା।


ପିଲାମାନେ ମା' ବାପାଙ୍କୁ ପୂଜା କରୁଛନ୍ତି।

# ଜେକେପୁର ସିଂଘାଣିଆ ସ୍କୁଲରେ ଚାରା ରୋପଣ

**ଜେକେପୁର, ୨୭।୭(ଡି.ଏନ୍‌.ଏ.)**

ଜେକେପୁରସ୍ଥିତ ସିଂଘାଣିଆ ଉଚ୍ଚ ବିଦ୍ୟାଳୟରେ ଶନିବାର 'ମୋ ସ୍କୁଲ ଅଭିଯାନ' ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ମୁଖ୍ୟଅତିଥି ଭାବେ ଜେକେ କାଗଜକଳ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ପ୍ରବନ୍ଧକ ତଥା ସିଂଘାଣିଆ ଉଚ୍ଚ ବିଦ୍ୟାଳୟର କୋଅର୍ଡିନେଟର ସୁନିଲ କୁମାର ନାଥ ଯୋଗ ଦେଇଥିଲେ। 'ମୋ ସ୍କୁଲ ଅଭିଯାନ'ର ବିଦ୍ୟାଳୟ ସଭାପତି ଦେବେନ୍ଦ୍ର ଡିକଲା, ସମ୍ପାଦକ ଏନକେ ଜେଠୀ ପ୍ରମୁଖ ଉପସ୍ଥିତ ରହି ୪୦ରୁ ଊର୍ଦ୍ଧ୍ୱ ନିମ୍ବ, ବେଲ, ସପେଟା ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିକେ ମହାପାତ୍ର ଓ ପ୍ରିନ୍ସିପାଲ ପି. ଭେଙ୍କେଟଶ୍ୱର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନସିସି, ୱାଇଆରସି, ଏନଏସ୍‌ଏସ୍, ଇକୋ କ୍ଲବ, ମୋ ସ୍କୁଲ ଅଭିଯାନ, ଜୁନିୟର ରେଡକ୍ରସ, ଭାରତ ସ୍କାଉଟ ଓ ଗାଇଡ୍‌ର କର୍ମଚାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମାଲେଶ୍ୱର ରାଓ, ଉଦୟଭାସ୍କର ରାଓ, ଅରୁଣ କର, ଅଧ୍ୟାପକ ବଦ୍ରିନାଥ ମହାପାତ୍ର, ପ୍ରଦୀପ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ ।


ଅତିଥି ଓ ଛାତ୍ରୀଛାତ୍ର ଚାରା ରୋପଣ କରିଥିଲେ।

■ ସିଆର୍‌ପିଏଫ୍‌ର ପ୍ରତିଷ୍ଠା ଦିବସ

# ୨୪୫ ଯବାନଙ୍କୁ ଆନ୍ତଃସୁରକ୍ଷା ମେଡାଲ

**ରାୟଗଡ଼ା ଅଫିସ, ୨୭।୭**

ରାୟଗଡାସ୍ଥିତ ୪ର୍ଥ ବାଟାଲିୟନରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ(ସିଆର୍‌ପିଏଫ୍)ର ୮୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ କମାଣ୍ଡାଣ୍ଟ ୱାଇ କେ ରାଜପୁତ, ଦ୍ୱିତୀୟ କମାଣ୍ଡାଣ୍ଟ ଏ.କେ ଠାକୁର, ମିଟୁ ରାୟ, ଡେପୁଟି କମାଣ୍ଡାଣ୍ଟ ଏସ୍.କେ ପୁରୋହିତ, ଅଶୋକ କୁମାର, ୪ର୍ଥ ବାଟାଲିୟନର ଅନ୍ୟ ଅଧିକାରୀ ଓ ଯବାନ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଅବସରରେ ଡିଜିଙ୍କ ଦ୍ୱାରା ପୁରସ୍କୃତ ୨୪୬୫ଜଣ ସିଆରପିଏଫ


ଜଣେ ଯବାନଙ୍କୁ ମେଡାଲ ଦିଆଯାଉଛି।

କର୍ମଚାରୀ, ଉତ୍କୃଷ୍ଟ ସେବା ପଦକ ପାଇଁ ଯୋଗ୍ୟ ବିବେଚିତ ୩୨୪୧ଜଣ ଓ ଅତି ଉତ୍କୃଷ୍ଟ ସେବା ନିମନ୍ତେ ବିବେଚିତ ୧୬୨୧ଜଣଙ୍କ ନାମ କମାଣ୍ଡାଣ୍ଟ ଘୋଷଣା କରିଥିଲେ। ଏହା ବ୍ୟତୀତ ୨୪୫ଜଣଙ୍କୁ ଆନ୍ତଃସୁରକ୍ଷା ମେଡାଲ ପ୍ରଦାନ କରାଯାଇଥିଲା। ପୁରସ୍କୃତ ଯବାନ ଓ ଅଫିସରଙ୍କ ଦୁଃସାହସିକତା ନିମନ୍ତେ ପ୍ରଶଂସା କରାଯାଇଥିଲା। ଏହା ସହିତ ରାୟଗଡା ଜିଲା ମୁଖ୍ୟଚିକିତ୍ସାଳୟଠାରେ ଯବାନମାନଙ୍କ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରାୟଗଡା ସହର ଓ କଲ୍ୟାଣସିଂହପୁରଠାରେ ଚାରାରୋପଣ କରାଯାଇଥିଲା। କଲ୍ୟାଣସିଂହପୁର ବ୍ଲକସ୍ଥିତ ଅଡାବାଡିରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ରୋଗୀଙ୍କୁ ଔଷଧ ଦିଆଯାଇଛି ବୋଲି କମାଣ୍ଡାଣ୍ଟ ୱାଇ.କେ. ରାଜପୁତ ପ୍ରକାଶ କରିଛନ୍ତି।

# ଆଜିଠାରୁ ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ

ମାଲକାନଗିରି,୨୭।୭ (ଡି.ଏନ.ଏ.)

ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ ରବିବାରଠାରୁ ଆରମ୍ଭ ହେଉଛି। ଏଥିପାଇଁ ପୂର୍ବରୁ ମାଓବାଦୀ ସଂଗଠନ ପକ୍ଷରୁ ଜୋରଦାର ପ୍ରସ୍ତୁତ ଚାଲିଛି। ସେମାନେ ବିଭିନ୍ନ ସ୍ଥାନରେ ବ୍ୟାନର ଓ ପୋଷ୍ଟର ମାରିଛନ୍ତି। ଏହି ଅବସରରେ ସେମାନେ ହିଂସା ଘଟାଇବା ଆଶଙ୍କା କରି ସରକାରୀ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ବ୍ରହ୍ମପୁର, ଭୁବନେଶ୍ୱର, ବିଶାଖାପାଟଣା, ବିଜୟନଗରମ୍, କଟକ ଆଦି ସ୍ଥାନକୁ ସରକାରୀ ବସ୍ ଚଳାଚଳ ବନ୍ଦ ରହିବ। ଅନ୍ୟ ପକ୍ଷରେ ମାଲାକନଗିରି ସୀମାନ୍ତବର୍ତ୍ତୀ ଅଞ୍ଚଳରେ ବିଏସଏଫ୍ ଯବାନମାନେ କୋମ୍ବିଂ ଅପରେଶନ କରୁଛନ୍ତି। ସ୍ୱାଭିମାନ ଅଞ୍ଚଳ ମହୁପଦର, ତୁଳସୀ ପାହାଡ ଅଞ୍ଚଳରେ ଏସ୍‌ଓଜି ବାହିନୀ ପକ୍ଷରୁ ମଧ୍ୟ କୋମ୍ବିଂ ଅପରେଶନ ଜାରି ରହିଛି। ଏ ସମ୍ପର୍କରେ ମାଲକାନଗିରି ଏସ୍.ପି. ଜଗମୋହନ ମୀନା କହିଛନ୍ତି ଯେ, ପୋଲିସ ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳଗୁଡିକରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଯେକୌଣସି ପ୍ରକାର ପରିସ୍ଥିତିର ମୁକାବିଲା କରିବାକୁ ପୋଲିସ ପ୍ରସ୍ତୁତ ଅଛି। କୌଣସି ବେଆଇନ ସଂଗଠନକୁ ସହଯୋଗ ନ କରିବା ପାଇଁ ଏସ୍.ପି. ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

ଅନ୍ୟ ପକ୍ଷରେ ସିପିଆଇ ମାଓବାଦୀ ପକ୍ଷରୁ ଓଡିଶା, ଛତିଶଗଡ, ଝାଡଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ ତେଲେଙ୍ଗାନା ଅଞ୍ଚଳରେ ରବିବାରଠାରୁ ଅଗଷ୍ଟ ୩ ତାରିଖ ଯାଏ ପିଏଲ୍‌ଜିଏ ସପ୍ତାହ ପାଳନ ପାଇଁ ଆହ୍ୱାନ ଦେଇଛନ୍ତି। ଏକ ଚିଠିରେ ସେମାନେ ମୋଦି ସରକାରର ସମାଲୋଚନା କରି ବିଭିନ୍ନ ସ୍ଥାନରେ ପୋଷ୍ଟର ବ୍ୟାନର ମାରିଛନ୍ତି। ଛତିଶଗଡ ଓ ଓଡିଶାରେ ଫାଶିବାଦୀ ସରକାର ମାଓବାଦୀ ସଂଗଠନ ବିରୋଧରେ ଅପରେସନ ଗ୍ରୀନହଣ୍ଟ, ଅପରେଶନ ଅଲଆଉଟ୍, ଓ ଅପରେଶନ ସମାଧାନ ନାମରେ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ୪୦୦ରୁ ଉର୍ଦ୍ଧ୍ୱ ମାଓବାଦୀ କମ୍ରେଡଙ୍କୁ ଏନାକାଉଣ୍ଟର କରି ହତ୍ୟା କରିଛନ୍ତି। ଏହି ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତି ଗ୍ରାମରେ ସ୍ମୃତିସଭା କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ମାଲକାନଗିରି, କୋରାପୁଟ, ବିଶାଖାପାଟଣା ମାଓବାଦୀ ଡିଭିଜନ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ବେଣୁ କହିଛନ୍ତି ଯେ, ମାଲକାନଗିରି ଓ ବିଶାଖାପାଟଣାରେ ପୋଲିସ ମିଥ୍ୟା ଏନକାଉଣ୍ଟର କରି ଆଦିବାସୀଙ୍କୁ ହତ୍ୟା କରୁଛନ୍ତି। ମହିଳାଙ୍କୁ ନିର୍ଯାତନା ଦେବା ସହ ନିରୀହଙ୍କୁ ଗିରଫ କରୁଥିବା ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଏହି ଶହୀଦ ସପ୍ତାହକୁ ଦୃଷ୍ଟିରେ ରଖି ମାଓବାଦୀମାନେ ହିଂସାକାଣ୍ଡ ଘଟାଇବା ଆଶଙ୍କା ଥିବାରୁ ମାଓ ପ୍ରବଣ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି। ଦୁର୍ଗମ ଅଞ୍ଚଳରେ ଥିବା ପଞ୍ଚାୟତ କାର୍ଯ୍ୟାଳୟଗୁଡିକ ବନ୍ଦ ରହିବାର ଆଶଙ୍କା ସୃଷ୍ଟି ହୋଇଛି। ବିଗତ ଦିନରେ ଶହୀଦ ସପ୍ତାହ ଅବସରରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଅନେକ ଯବାନ ଶହୀଦ ହୋଇଥିବା ଏବଂ ସରକାରୀ କୋଠା ବିସ୍ଫୋରଣରେ ମାଓବାଦୀମାନେ ଧ୍ୱଂସ କରିଥିବା ନଜିର ରହିଛି।


ମାଓବାଦୀମାନେ ଛାଡି ଯାଇଥିବା ପୋଷ୍ଟର ।

- ସୁରକ୍ଷା ବ୍ୟବସ୍ଥା କଡାକଡି
- ବନ୍ଦ ରହିବ ସରକାରୀ ବସ୍ ଚଳାଚଳ
- ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ପ୍ରସ୍ତୁତ
- ଜୋରଦାର ଚାଲିଛି କୋମ୍ବିଂ ଅପରେଶନ

## ସଂକ୍ଷେପରେ

### ଖଇରପୁଟରେ ଏଟିଏମ ଅଚଳ




ଗୋବିନ୍ଦପାଲ୍ଲୀ,୨୭।୭(ଡି.ନ.ଏ.)- ମାଲକାନଗିରି ଜିଲାର ଗ୍ରାମାଞ୍ଚଳରେ ଏଟିଏମ ସେବା ଦୀର୍ଘଦିନ ଧରି ଅଚଳ ରହୁଥିଲେ ମଧ ଏହାକୁ ସୁଧାରିବାରେ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଲୋକେ ହଇରାଣ ହେଉଛନ୍ତି। ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଜିଲାର ଖଇରପୁଟରେ ଥିବା ଷ୍ଟେଟବ୍ୟାଙ୍କର ଏଟିଏମ ସେବାରେ। ଖଇରପୁଟ ବ୍ଲକରେ ଏହା ହେଉଛି ଏକମାତ୍ର ଏଟିଏମ କେନ୍ଦ୍ର। ଖଇରପୁଟ ସମେତ ମାଥିଲି ଓ ଆଖପାଖ ଗ୍ରାମାଞ୍ଚଳର ଲୋକେ ଏହି ଏଟିଏମ୍ ଉପରେ ନିର୍ଭର କରନ୍ତି। ଏବେ ଏହା ଦୀର୍ଘ ଦିନ ଧରି ଅଚଳ ହୋଇପଡିଛି। ଏଟିଏମ୍‌କୁ ଟଙ୍କା ଉଠାଇବା ଆଶାରେ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି। ଏନେଇ ଅଭିଯୋଗ କଲେ ମଧ ବ୍ୟାଙ୍କ ଅଧିକାରୀ ଶୁଣୁନାହାନ୍ତି। ତେବେ ଏଟିଏମ ସେବା ପାଇଁ ଆମେ ବ୍ୟାଙ୍କକୁ ବାର୍ଷିକ ସର୍ଭିସ ଚାର୍ଜ ଦେଉଛୁ, ଅଥଚ ସେବା ପାଉନାହୁଁ ବୋଲି ଟଙ୍କା ଉଠାଇବାକୁ ଆସିଥିବା କେତେକ ଗ୍ରାହକ ଅଭିଯୋଗ କରିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

ଟିକିରି, ୨୭।୭(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଓଡିଶା, ଶିକ୍ଷା ବିକାଶ ସମିତି ଯୋଜନା କ୍ରମେ ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୁଶାନ୍ତ କୁମାର ସୂତାର ମୁଖ୍ୟ ଅତିଥି, ନିରଞ୍ଜନ ନାୟକ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମାଜରେ ମା' ବାପାଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ କହିଥିଲେ। ପ୍ରଧାନାଚାର୍ଯ୍ୟ ରଘୁନାଥ ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁବାଟିକା ପ୍ରମୁଖ ବନିତା ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ବାପାମାନଙ୍କ ମଧ୍ୟରେ ବେଲୁନ ଫୁଙ୍କା ଓ ମା'ମାନଙ୍କ ମଧ୍ୟରେ ଛୁଞ୍ଚି ସୂତା ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପଦ୍ମାଳୟା ସାମଲ, ସରସ୍ୱତୀ ବେହେରା, ପୁଷ୍ପାଞ୍ଜଳୀ ପଣ୍ଡା, ତପସ୍ୱିନୀ ବେହେରା ସହଯୋଗ କରିଥିଲେ।




ଛାତ୍ରମାନେ ବୃକ୍ଷରୋପଣ କରୁଛନ୍ତି ।

# ଛାତ୍ର କଲେ ବୃକ୍ଷରୋପଣ

ଗୋବିନ୍ଦପାଲି,୨୭।୭(ଡି.ଏନ.ଏ.)

ମାଲକାନଗିରି ଜିଲା ଗୋବିନ୍ଦପାଲିର ମାଡକାପଦର ପଞ୍ଚାୟତ ଅଧୀନ ଦିସାରିଗୁଡାଠାରେ ଥିବା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଛାତ୍ରମାନେ ସବୁଜ ଦିବସ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଛନ୍ତି। ପ୍ରଥମେ ଏକ ଶୋଭାଯାତ୍ରାରେ ଛାତ୍ରମାନେ ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟରେ ପହଞ୍ଚି ବୃକ୍ଷରୋପଣ କରିଥିଲେ। ପରେ ବୃକ୍ଷର ଉପକାରିତା ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହାକୁ ପରିଚାଳନା କରିଥିଲେ।

## ■ ଉପୁଡି ପଡିଲା ଦୀର୍ଘବର୍ଷର ପୁରୁଣା ଗଛ

# ଦୁର୍ଘଟଣାରୁ ବର୍ତ୍ତିଲେ ବିଦ୍ୟାଳୟ ଛାତ୍ରୀଛାତ୍ର

ଖଇରପୁଟ/କୁଡୁମୁଲୁଗୁମ୍ମା, ୨୭।୭(ଡି.ଏନ.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଏକ ବଡଆମ୍ବ ଗଛ ଶନିବାର ହଠାତ ଉପୁଡି ଯାଇଥିଲା। ଏହି ସମୟରେ ବିଦ୍ୟାଳୟର କୌଣସି ଛାତ୍ରୀଛାତ୍ର ଉକ୍ତ ସ୍ଥାନରେ ନ ଥିବାରୁ ସମସ୍ତେ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ଖବର ଜାଣିବା ପରେ ବିଦ୍ୟାଳୟ ସଭାପତି ଦିବାକର ସୁନା, ସଦସ୍ୟ ଭଗବାନ ସାହୁ, ଗୋପୀ ପାଙ୍ଗୀ, ମାଧବ ଟାକ୍ରି, ସାୟାଦ ସମିମ ପ୍ରମୁଖ ସେଠାରେ ପହଞ୍ଚିଥିଲେ । ତୁରନ୍ତ ଏନେଇ ସ୍ଥାନୀୟ ଅଗ୍ନିଶମ ବିଭାଗ ଓ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଥିଲା। ଫଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଉକ୍ତ ଗଛକୁ କାଟିଥିଲେ। ସୂଚନାଯୋଗ୍ୟ ଯେ, ଗତ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ପୁରୁଣାଗଛଗୁଡିକ ଉପୁଡି ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପୁରୁଣା ଗଛଗୁଡିକୁ ଆଗୁଆ କାଟି ଦେବାକୁ ସାଧାରଣରେ ଦାବି ହେଉଛି।


ଉପୁଡି ପଡିଥିବା ଗଛକୁ ଅଗ୍ନିଶମ କର୍ମଚାରୀମନେ ପହଞ୍ଚି କାଟୁଛନ୍ତି ।

# ବିଷାକ୍ତ ଛତୁ ଖାଇ ୬ ଅସୁସ୍ଥ

ପାରଳାଖେମୁଣ୍ଡି, ୨୭।୭ (ସ୍ୱ.ପ୍ର.)

ବିଷାକ୍ତ ଛତୁଖାଇ ଗୋଟିଏ ପରିବାରର ୬ଜଣ ଅସୁସ୍ଥ ହୋଇ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସହରର ୧ନମ୍ବର ୱାର୍ଡ ଅନ୍ତର୍ଗତ ସୁବାଷ ନଗରର ପଦ୍ମା ନାଗବଂଶଙ୍କ ପରିବାର ରାତ୍ରୀଭୋଜନରେ ଛତୁ ଖାଇଥିଲେ। ଏହାପରେ ସମସ୍ତଙ୍କୁ ଝାଡାବାନ୍ତି ହେବାସହ ତଣ୍ଟି ଶୁଖିଯାଇଥିଲା। ତୁରନ୍ତ ଚିକିତ୍ସା ପାଇଁ ମେଡିକାଲରେ ସେମାନେ ଭର୍ତ୍ତି ହୋଇଥିଲେ। ଅସୁସ୍ଥମାନେ ହେଲେ ପଦ୍ମା ନାଗବଂଶ (୫୨), ଦ୍ରୌପଦୀ ନାଗବଂଶ(୨୧), କେ.ସରସ୍ୱତୀ(୩୧), କେ. ସାରଣ୍ୟା(୯), କେ. ସାଇ(୩), କେ. ଅରୁଣ(୬) ।

# ଗୁରୁପ୍ରିୟା ସେତୁର ପ୍ରଥମ ବାର୍ଷିକ ଉତ୍ସବ ପାଳିଲେ ଅଞ୍ଚଳବାସୀ



ଉତ୍ସବରେ ଉପସ୍ଥିତ ଅତିଥି କେକ୍ କାଟୁଛନ୍ତି ।

ଚିତ୍ରକୋଣ୍ଡା,୨୭।୭(ଡି.ଏନ.ଏ.)– ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳବାସୀ ପାପରମେଟଲା ଥାନା ଓଆଇସି ଲକ୍ଷ୍ମୀନାରାୟଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଗୁରୁପ୍ରିୟା ସେତୁର ପ୍ରଥମ ବାର୍ଷିକ ଉତ୍ସବ ପାଳନ କରିଛନ୍ତି। ଗୁରୁପ୍ରିୟା ସେତୁକୁ ଗତ ୨୬।୭।୨୦୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଏହି ଅଞ୍ଚଳକୁ ସ୍ୱାଭିମାନ ଅଞ୍ଚଳ ରୂପେ ନାମିତ କରିଥିଲେ। ସେତୁ ଉଦ୍‌ଘାଟନ ପରେ ଉକ୍ତ ଅଞ୍ଚଳରେ ବର୍ଷକ ଭିତରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ କ୍ଷେତ୍ରରେ ବହୁ ପରିବର୍ତ୍ତନ ହୋଇଛି।

# କୋଟିଆ ସମାଜର ବନ୍ଧୁ ମିଳନ

ଚିତ୍ରକୋଣ୍ଡା,୨୭।୭ (ଡି.ଏନ.ଏ.)

ଚିତ୍ରକୋଣ୍ଡା ବ୍ଲକ କୋଟିଆ ସମ୍ପ୍ରଦାୟ ପକ୍ଷରୁ ଶନିବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଟିଆ ସମାଜର ସଭାପତି ଟିବୁରାମ ଟାଙ୍ଗୁଲ ଅଧକ୍ଷତା କରିଥିଲେ। ଜିଲାସ୍ତରରେ କୋଟିଆ ସମାଜ ପଞ୍ଜୀକରଣ ହୋଇଥିବା ଟାଙ୍ଗୁଲ ସଭ୍ୟମାନଙ୍କୁ ସୂଚନା ଦେଇଥିଲେ। ଏହାର ପଞ୍ଜୀକୃତ ନମ୍ବର–୩୮୦୨/୨୦୧୯। ଏହି ଖବର ଜାଣିବା ପରେ କୋଟିଆ ଆଦିବାସୀଙ୍କ ଭିତରେ ଖୁସି ପ୍ରକାଶ ପାଇଥିଲା। ସମ୍ପାଦକ କମଲୁ ହନ୍ତାଳ ଧନ୍ୟବାଦ ଦେଇଥିଲେ।


ଏକାଠି ହୋଇଥିବା କୋଟିଆ ସମାଜର ସଦସ୍ୟମାନେ ।

## ■ ଉତ୍କଳ ଆଲୁମିନା ଆଗରେ ଜମିହରାଙ୍କ ବିକ୍ଷୋଭ

# ପ୍ରଶାସନ ହସ୍ତକ୍ଷେପ ପରେ ଆନ୍ଦୋଳନ ସ୍ଥଗିତ

ଟିକିରି, ୨୭।୭ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡାସ୍ଥିତ ଉତ୍କଳ ଆଲୁମିନା ଜମିହରା କ୍ଷତିଗ୍ରସ୍ତ ପରିବାର ସ୍ଥାୟୀ ନିଯୁକ୍ତି ଦାବିରେ କାରଖାନା ଆଗରେ ଧାରଣା ଦେଇଥିଲେ। ତହସିଲଦାର ସୌଭାଗ୍ୟ ବେହେରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୩ ତାରିଖରେ ଆନ୍ଦୋଳନକାରୀଙ୍କର ରହିଥିବା ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯିବ ବୋଲି ତହସିଲଦାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ପ୍ରକାଶ ଯେ, ଜମିହରା ପରିବାରରୁ ଅଧିକାଂଶ ଉତ୍କଳ ଆଲୁମିନାରେ ମେଣ୍ଟେନାନ୍ସ ବିଭାଗରେ କାମ କରୁଛନ୍ତି। ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ନେଇ ଶତାଧିକ ଯୁବକ କାରଖାନା ଆଗରେ ଧାରଣା ଦେଇଥିଲେ। ଜମିହରା ପରିବାରଙ୍କ ଦାବି ନେଇ ଉତ୍କଳ ଆଲୁମିନାର ରାଜେଶ ମିଶ୍ର ଏବଂ ଟି.ଏମ୍. ପ୍ରକାଶଙ୍କୁ ଯୋଗାଯୋଗ କରିବାରୁ ପର୍ଯ୍ୟାୟ କ୍ରମେ ସ୍ଥାୟୀ ନିଯୁକ୍ତି ଦିଆଯାଉଛି ବୋଲି ସେମାନେ କହିଥିଲେ।

# ଡିଆରଡିଏ ପକ୍ଷରୁ ମହିଳାଙ୍କୁ ସିଲେଇ ମେଶିନ୍

ମାଲକାନଗିରି,୨୭।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଡିଆରଡିଏ କାର୍ଯ୍ୟାଳୟ ପରିସରରେ ଶନିବାର ମହିଳାମାନଙ୍କୁ ସିଲେଇ ମେଶିନ ପ୍ରଦାନ ଓ ତାଲିମ କାର୍ଯ୍ୟକ୍ରମକୁ ଜିଲାପାଳ ମନୀଷ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ୩୫ଜଣ ଯୁବତୀ ତାଲିମରେ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୭ଟି ସିଲେଇ ମେଶିନ ମିଳିଛି। ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ନିର୍ଦ୍ଦେଶକ ସତୀନ୍ଦ୍ରନାଥ ସିକଦାର ଯୋଗଦେଇ କହିଛନ୍ତି ଯେ, ମାଲକାନଗିରି ଜିଲାରେ ତାଙ୍କ ସଂସ୍ଥାଦ୍ୱାରା ଯୁବତୀ ଯୁବକଙ୍କ ଆର୍ଥିକ ମାନଦଣ୍ଡର ବିକାଶ ଏବଂ ଜ୍ଞାନ କୌଶଳ ଅର୍ଜନ ପାଇଁ ଏହି ତାଲିମ ପ୍ରଦାନ କରାଯାଉଛି। ଭବିଷ୍ୟତରେ ତାଲିମପ୍ରାପ୍ତ ଯୁବତୀଯୁବକମାନେ ଆତ୍ମନିର୍ଭରଶୀଳ ହୋଇପାରିବେ । ଏହି ତାଲିମ କେନ୍ଦ୍ରରେ ସିଲେଇ ଶିକ୍ଷା ବ୍ୟତୀତ ମୋବାଇଲ, ଟିଭି, ମରାମତି, କୃଷି ସମ୍ବନ୍ଧୀୟ ତାଲିମ, ଗୋପାଳନ, ଛେଳି ପାଳନ, ମତ୍ସ୍ୟ ପାଳନ ପଦ୍ଧତି ସମ୍ପର୍କରେ ମାଗଣାରେ ତାଲିମ ପ୍ରଦାନ କରାଯାଉଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡିଏଫ୍‌ଓ ପ୍ରଦୀପ ଦେବଦାସ ମିରାସେ, ପିଡି ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ କୁମାର ମିଶ୍ର, ସହକାରୀ ନିର୍ଦ୍ଦେଶକ ହିମାଂଶୁ ମହାରଣା, ଏଡିପିଓ ଉଦ୍ଧବ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁଣନିଧି ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।


ତାଲିମ କେନ୍ଦ୍ରରେ ଉପସ୍ଥିତ ଛାତ୍ରୀମାନେ ତାଲିମ ନେଉଛନ୍ତି ।

## ■ ପଞ୍ଚସୂତ୍ରୀ ଦକ୍ଷତା ବୃଦ୍ଧି ନେଇ ବୈଠକ

# ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

ମାଲକାନଗିରି,୨୭।୭ (ଡି.ଏନ୍.ଏ.) –

ମାଲକାନଗିରି ଜିଲା ସଦର ମହକୁମା ଡିଆରଡିଏ ସମ୍ମିଳନୀ କକ୍ଷରେ ଶନିବାର ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପଞ୍ଚସୂତ୍ରୀ ଦକ୍ଷତା ବୃଦ୍ଧି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ବିଭାଗର ପଦାଧିକାରୀ ନିଜ ଭିତରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜ୍ଞାନକୌଶଳ, ସ୍ୱଚ୍ଛତା, ମିଳିମିଶି ଦାୟିତ୍ୱ ତୁଲାଇବା, ସମୟାନୁବର୍ତ୍ତିତା, ନୂତନ ପଦ୍ଧତି ଅବଲମ୍ବନ କରି ଜନସାଧାରଣଙ୍କ ସମସ୍ୟା ସମାଧାନ କିପରି ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟରେ ନୂଆ ମନ୍ତ୍ରିମଣ୍ଡଳ ଗଠନ ପରେ ମୁଖ୍ୟମନ୍ତ୍ରୀ ଏହି ପଞ୍ଚସୂତ୍ରୀ ଦକ୍ଷତା ବିକାଶ ପାଇଁ ସବୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଜନସାଧାରଣଙ୍କ ସମସ୍ୟା ଠିକ୍ ସମୟରେ ସମାଧାନ ହୋଇପାରୁ ନ ଥିବା, ବିଭିନ୍ନ କାର୍ଯ୍ୟାଳୟରେ ଫାଇଲ ତ୍ୱରାନ୍ୱିତ ହୋଇନ ପାରିବା, ଯୁବତୀଯୁବକଙ୍କ ଜ୍ଞାନ କୌଶଳ ବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତି ହୋଇଥିଲେ ମଧ ଏହାର କାର୍ଯ୍ୟକାରିତାରେ ଶିଥିଳତା, ଅଧିକାରୀ ଓ କର୍ମଚାରୀମାନଙ୍କ ସ୍ୱଚ୍ଛତା, ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବା, ସମୟାନୁସାରେ କାର୍ଯ୍ୟ ନ ହେବାରୁ ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇପାରୁନି। ସେମାନେ ଯୋଜନାଗୁଡିକରୁ ସୁଫଳ ପାଉନାହାନ୍ତି ବୋଲି ଜିଲାପାଳ କହିଥିଲେ। ଅପରପକ୍ଷେ ଜିଲା ସଦର ମହକୁମା ଏବଂ ବିଭିନ୍ନ ବ୍ଲକରେ ସାଧାରଣ ଲୋକଙ୍କ ଅଭିଯୋଗ ଅନୁଯାୟୀ ପଦକ୍ଷେପ ନିଆ ନ ଯିବା, ଭିତ୍ତିଭୂମି ଥାଇ ବିଦ୍ୟାଳୟଗୁଡିକରେ ଉପସ୍ଥାନ ବୃଦ୍ଧି ନ ହେବା, ଆଭ୍ୟନ୍ତରୀଣ ଅଞ୍ଚଳର ଛାତ୍ରୀଛାତ୍ର ଅଧାରୁ ପାଠ ଛାଡିବା, ପରିବେଶ, କୃଷି, ମତ୍ସ୍ୟ, ଗୋସମ୍ପଦ, ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟ ଜଳ ଆଦି ବିଭାଗର କାର୍ଯ୍ୟ ଦକ୍ଷତାକୁ କିପରି ବୃଦ୍ଧି କରାଯାଇପାରିବ ସେନେଇ କାର୍ଯ୍ୟ କରିବାକୁ ବୈଠକରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଡିଏଫଓ ପ୍ରଦୀପ ଦେବଦାସ ମିରାସେ, ପିଡି ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ କୁମାର ମିଶ୍ର, ଏସଡିପିଓ ଉଦ୍ଧବ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁଣନିଧି ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ, ଜିଲା କୃଷି ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ଅଧିକାରୀମାନଙ୍କ ବୈଠକ ।

- ଜନସାଧାରଣଙ୍କ ସମସ୍ୟା ସମାଧାନ ନ ହେବା
- ଯୁବତୀ ଯୁବକଙ୍କ ଜ୍ଞାନକୌଶଳ ବୃଦ୍ଧି ପାଇଁ ଯୋଜନା
- ବିଭିନ୍ନ କାର୍ଯ୍ୟାଳୟରେ ଫାଇଲ ତ୍ୱରାନ୍ୱିତ

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଜୁଲାଇ ୨୮/୨୦୧୯ Rayagada, Sunday, July 28 / 2019




# ଯାଞ୍ଚ ପାଇଁ ମଗାଗଲା ଶିକ୍ଷକଙ୍କ ସାର୍ଟିଫିକେଟ

**ଜୟପୁର,୨୭।୭(ଡି.ଏନ୍.ଏ.)**

ଜୟପୁର ବ୍ଲକରେ ୨୦୧୧ ଜାନୁୟାରୀରୁ ଯେଉଁମାନେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଅଧୀନରେ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଯୁକ୍ତି ପାଇଛନ୍ତି, ସେମାନଙ୍କ ସାର୍ଟିଫିକେଟ ଯାଞ୍ଚ ପାଇଁ ମଗାଯାଇଛି। ମାସ ଶେଷ ସୁଦ୍ଧା ସମସ୍ତ ସାର୍ଟିଫିକେଟ ଗ୍ରହଣ କରାଯିବା ସହ ଜିଲା ସର୍ବଶିକ୍ଷା ଅଭିଯାନ ଡିପିସି କାର୍ଯ୍ୟାଳୟକୁ ପଠାଯିବ। ସେଠାରୁ ଏହା ଭୁବନେଶ୍ୱର ସ୍ଥିତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟକୁ ଯିବ। ଏହାପରେ ଯାଞ୍ଚ କାର୍ଯ୍ୟ ଆସନ୍ତା ୨୦ ପର୍ଯ୍ୟନ୍ତ ଚାଲିବ। ଶନିବାର ପ୍ରଥମ ଦିବସରେ ବାହାର ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ସିଟି, ବିଇଡି ଓ ଅନ୍ୟ ସାର୍ଟିଫିକେଟଧାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମସ୍ତ ଆବଶ୍ୟକ ସାର୍ଟିଫିକେଟ ଗ୍ରହଣ କରାଯାଇଛି। ବିଇଓ କାର୍ଯ୍ୟାଳୟ ପାର୍ଶ୍ୱ ହରିଜନ ସାହି ପ୍ରାଥମିକ ବିଦ୍ୟାଳୟରେ ସାର୍ଟିଫିକେଟ ନିଆଯାଇ ଯାଞ୍ଚ ହୋଇଥିଲା। ଆସନ୍ତା ସୋମବାର ସୁଦ୍ଧା ସଂଗ୍ରହ କରାଯାଇଥିବା ସାର୍ଟିଫିକେଟ ଡିପିସି ଓ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବ। ଶନିବାର ଯାଞ୍ଚ ପ୍ରକ୍ରିୟାରେ ଏବିଇଓ ରମେଶ ଚନ୍ଦ୍ର ଟାକ୍ରି, ହେମଲତା ଟେଙ୍ଗି, ପ୍ରଶାନ୍ତ ପାତ୍ରଙ୍କ ସମେତ ୧୫ ଜଣ ସିଆରସିସି ନିୟୋଜିତ ହୋଇଥିଲେ।




■ପ୍ରଧାନମନ୍ତ୍ରୀ ସଡ଼କ ନିମ୍ନମାନର ଅଭିଯୋଗ

# ତଦନ୍ତ କଲେ ଅଧୀକ୍ଷଣ ଯନ୍ତ୍ରୀ

**ଜୟପୁର,୨୭।୭ (ଡି.ଏନ୍.ଏ.)**

କୁନ୍ଦୁରା ବ୍ଲକ ପାକନାଗୁଡ଼ାରୁ କାଳିଆଖୋଲା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ନିମ୍ନମାନର ଅଭିଯୋଗ ହୋଇଥିଲା। ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ଚିଠି ୧୬୯୩୬ /୨-୭-୧୯ରେ ଏହାର ତଦନ୍ତ ପାଇଁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଅଧୀକ୍ଷଣ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟପୁର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ନେଇ ଗଠିତ ଟିମ୍ କାର୍ଯ୍ୟସ୍ଥଳ ତଦାରଖ କରିଛନ୍ତି। ଏହି ରାସ୍ତା ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଯୋଗୁ ଏଥିରେ ବିଳମ୍ବ ହୋଇଛି। ସେହିପରି ରାସ୍ତାର ଆରମ୍ଭରୁ ୧ କିଲୋମିଟର ମଧ୍ୟରେ ଭାରିଯାନ ଯାତାୟାତ ଯୋଗୁ ଉପର ପରସ୍ତ ପିଚୁକାମ ନଷ୍ଟ ହୋଇଥିଲା। କିନ୍ତୁ ବିଭାଗୀୟ ନିର୍ଦ୍ଦେଶରେ ଓ ନିର୍ଦ୍ଧାରିତ ଗାଇଡଲାଇନ ଅନୁଯାୟୀ ରାସ୍ତା ନିର୍ମାଣ ଓ ଅନ୍ୟ କାର୍ଯ୍ୟ ସଠିକ୍ ରହିଥିବା ରିପୋର୍ଟ ଦେଇଛି ଠିକାସଂସ୍ଥା। ୨୦୧୭ ଏପ୍ରିଲରୁ କାର୍ଯ୍ୟ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା ୭ କିଲୋମିଟରରୁ ୬.୬ କିମି ରାସ୍ତାକାମ ଶେଷ ହୋଇଛି। ସେହିପରି ୧୭ଟି କଂକ୍ରିଟ୍ ଡ୍ରେନ୍‌ରୁ ୧୨ଟି ସମାପ୍ତ ହୋଇଥିବା ରିପୋର୍ଟ ରହିଛି।

# ମରାମତି ହେଉନି ୪ ଦଶନ୍ଧିର ରାସ୍ତା

## ଆନ୍ଦୋଳନ ଚେତାବନୀ ଦେଲେ କଲୋନୀ ମହିଳା



କଲୋନୀକୁ ପଡିଥିବା ରାସ୍ତା ଅବସ୍ଥା ଶୋଚନୀୟ।

**କୋଲାବନଗର,୨୭।୭(ଡି.ଏନ୍.ଏ.)**

ଅପରକୋଲାବ ଯୋଜନା କର୍ମଚାରୀ ଓ ଶ୍ରମିକଙ୍କ ପାଇଁ ୧୯୭୮ରେ କୋଲାବନଗରଠାରେ ଏକ ବଡ଼ କଲୋନୀ ନିର୍ମାଣ କରାଯାଇଥିଲା। ଏଠାରେ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ କର୍ମଚାରୀ ସପରିବାରେ ରହୁଥିଲେ। ପ୍ରତ୍ୟେକ ସବ୍ କଲୋନୀକୁ ସୁନ୍ଦର ପିଚୁ ରାସ୍ତାମାନ ନିର୍ମାଣ କରାଯାଇଥିଲା। ୪୧ ବର୍ଷ ପୂର୍ବେ ଉକ୍ତ ରାସ୍ତା ନିର୍ମାଣ ହୋଇଥିଲା ସତ; କିନ୍ତୁ ଚାରୋଟି ଦଶନ୍ଧି ବିତିଯାଇଥିଲେ ମଧ୍ୟ କଲୋନୀ ରାସ୍ତାର ମରାମତି ନ ହେବା ଫଳରେ ସେଥିରୁ ଏବେ ପିଚୁ ମେଟାଲ ଉଠିଯାଇ ଗାତ ହେଲାଣି। ଏହା ଯାତାୟତ ପାଇଁ ଅନୁପଯୋଗୀ ହୋଇପଡ଼ିଛି। ଏହି ସମସ୍ୟାର ସମାଧାନ ପାଇଁ ଯୋଜନା କର୍ତ୍ତୃପକ୍ଷଙ୍କୁ ଲିଖିତ ଓ ମୌଖିକ ଭାବେ ଅବଗତ କରାଯାଇଥିଲେ ମଧ୍ୟ ଫଳ ଶୂନ ହୋଇଛି। କଲୋନୀ ଦାୟିତ୍ୱ ତୁଲାଉଥିବା ଯନ୍ତ୍ରୀମାନଙ୍କ ଆନ୍ତରିକତା ଅଭାବରୁ ରାସ୍ତାଗୁଡ଼ିକ ମରାମତି ହୋଇପାରୁନାହିଁ। ଶେଷରେ କଲୋନୀର ମହିଳାମାନେ ଚେତାବନୀ ଦେଇଛନ୍ତି ଯେ, ୨ ମାସ ମଧ୍ୟରେ ରାସ୍ତା ମରାମତି କରା ନ ଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ। ଏହାସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛୋଟ ପିଲାଙ୍କୁ ଧରି ଅନଶନ କରିବେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ଗରମପାଣି ପଡ଼ି ମହିଳା ଗୁରୁତର

**ପାରଳାଖେମୁଣ୍ଡି, ୨୭।୭ (ସ୍ୱ.ପ୍ର.):** ଦେହରେ ଗରମପାଣି ପଡ଼ି ଜଣେ ମହିଳା ଗୁରତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ଯେ, ଖରଷଣ୍ଡା ଗ୍ରାମର କନକ ରାଉଳ(୨୯) ରୋଷେଇ ପାଇଁ ଗ୍ୟାସରେ ପାଣି ଗରମ କରିବା ସମୟରେ କୌଣସି କାରଣରୁ ଗରମପାଣି ଢଳି ମହିଳାଙ୍କ ଉପରେ ପଡ଼ିଥିଲା। ଏଥିରେ ତାଙ୍କ ଶରୀରର ୭୦ ପ୍ରତିଶତ ପୋଡ଼ିଯାଇଥିବାବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ‘ଘର ହିଁ ବିଦ୍ୟାଳୟ’ କାର୍ଯ୍ୟକ୍ରମ



**ଟିକିରି, ୨୭।୭(ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଓଡିଶା, ଶିକ୍ଷା ବିକାଶ ସମିତି ଯୋଜନା କ୍ରମେ ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୁଶାନ୍ତ କୁମାର ସୂତାର ମୁଖ୍ୟ ଅତିଥି, ନିରଞ୍ଜନ ନାୟକ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମାଜରେ ମା’ ବାପାଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ କହିଥିଲେ। ପ୍ରଧାନାଚାର୍ଯ୍ୟ ରଘୁନାଥ ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁବାଟିକା ପ୍ରମୁଖ ବନିତା ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ବାପାମାନଙ୍କ ମଧ୍ୟରେ ବେଲୁନ ଫୁଙ୍କା ଓ ମା’ମାନଙ୍କ ମଧ୍ୟରେ ଛୁଞ୍ଚି ସୂତା ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପଦ୍ମାଳୟା ସାମଲ, ସରସ୍ୱତୀ ବେହେରା, ପୁଷ୍ପାଞ୍ଜଳୀ ପଣ୍ଡା, ତପସ୍ୱିନୀ ବେହେରା ସହଯୋଗ କରିଥିଲେ।

### ନିଖୋଜ ନାବାଳିକା ୭ ଦିନ ପରେ ଉଦ୍ଧାର

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୭।୭ (ଡି.ଏନ.ଏ.):** ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ମାର୍ଦ୍ଦିପଙ୍କା ଅଞ୍ଚଳରୁ ନିଖୋଜ ନାବାଳିକାଙ୍କୁ ୭ଦିନ ପରେ ବ୍ରାହ୍ମଣୀଗାଁ ପୋଲିସ ଶନିବାର ଦାରିଙ୍ଗବାଡ଼ି ଚାରିଛକରୁ ଉଦ୍ଧାର କରିଛି। ଫୁଲବାଣୀ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ତାଙ୍କୁ ସିଡବ୍ଲୁସିଙ୍କୁ ହସ୍ତାନ୍ତର କରାଯାଇଥିବା ବ୍ରାହ୍ମଣୀଗାଁ ଏସ୍ଆଇ ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି। ରବିବାର ନାବାଳିକା କୌଣସି କାରଣରୁ ଘରଛାଡ଼ି ପଳାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ସେ କହିଥିଲେ। ଶନିବାର ସକାଳୁ ପରିବାର ଲୋକ ବ୍ରାହ୍ମଣୀଗାଁ ଥାନାରେ ଅଭିଯୋଗ କରିଥିଲେ। ନଂ.୪୯/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

# ରାସ୍ତାକାମ ନିମ୍ନମାନର

**ପାରଳାଖେମୁଣ୍ଡି, ୨୭।୭ (ସ୍ୱ.ପ୍ର.)**

ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ରାଜପୁର ଠାରୁ ରାମଗିରି ପର୍ଯ୍ୟନ୍ତ ରାସ୍ତା କାମ ଅତି ନିମ୍ନମାନର କରାଯାଉଥିବାରୁ ଏହା ମରଣଯନ୍ତା ପାଲଟିଥିବା ସାଧାରଣରେ ଅଭିଯୋଗ ହୋଇଛି । ରାମଗିରି ସରପଞ୍ଚ ଆଦିକନ୍ଦ କାର୍ଯ୍ୟୀ ମଧ୍ୟ ନିମ୍ନ ମାନର କାମ ନେଇ ଅଭିଯୋଗ କରିଛନ୍ତି । ଏହି ରାସ୍ତାର ଦୂରତା ୧୨କିମି ରହିଥିବାବେଳେ ଆର୍. ଉଦୟଗିରି ପୂର୍ତ୍ତ ବିଭାଗ ଦ୍ୱାରା ଏହି କାମ କରାଯାଉଛି। ଠିକା ସଂସ୍ଥା ବିକେଏସ୍‌କୁ ଏହି କାର୍ଯ୍ୟ ଦିଆଯାଇଥିବାବେଳେ ରାସ୍ତାରେ ନିମ୍ନମାନର ପିଚୁ ଏବଂ ଆବଶ୍ୟକ ଠାରୁ କମ୍ ପରିମାଣରେ ସାମଗ୍ରୀ ବ୍ୟବହାର କରାଯାଉଛି। ସଂସ୍ଥାର କର୍ମଚାରୀମାନଙ୍କୁ ନିମ୍ନ ମାନର କାର୍ଯ୍ୟ ନ କରିବାକୁ କହିବା ସତ୍ତ୍ୱେ ଏଥିରୁ ନିବୃତ୍ତ ରହୁ ନ ଥିବା ଜଣାପଡ଼ିଛି। ଯଦ୍ୱାରା ରାସ୍ତାର ବିଭିନ୍ନ ସ୍ଥାନରେ ଗୋଡି ଉଠି ଯାଇଛି। ଏହି ରାସ୍ତାରେ ଯାନବାହାନ ଯିବା ତ ଦୂରକଥା ପାଦରେ ଚାଲିଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ତେଣୁ ରାସ୍ତା କାମର ତଦନ୍ତ ପାଇଁ ବାରମ୍ବାର ପୂର୍ତ୍ତ ବିଭାଗ ଅଧିକାରୀଙ୍କ ନିକଟରେ ଦାବିହୋଇଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେବେ ବିଭାଗୀୟ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତାକାମର ତଦନ୍ତ କରିବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି।



ନୂତନ ଭାବେ ତିଆରି ରାସ୍ତାରୁ ଗୋଡ଼ି ଉଠି ଯାଉଛି।

# ବିଷାକ୍ତ ଛତୁ ଖାଇ ୬ ଅସୁସ୍ଥ

**ପାରଳାଖେମୁଣ୍ଡି, ୨୭।୭ (ସ୍ୱ.ପ୍ର.)**

ବିଷାକ୍ତ ଛତୁଖାଇ ଗୋଟିଏ ପରିବାରର ୬ଜଣ ଅସୁସ୍ଥ ହୋଇ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ୧ନମ୍ବର ୱାର୍ଡ ଅନ୍ତର୍ଗତ ସୁବାଷ ନଗରର ପଦ୍ମା ନାଗବଂଶଙ୍କ ପରିବାର ରାତ୍ରୀଭୋଜନରେ ଛତୁ ଖାଇଥିଲେ। ଏହାପରେ ସମସ୍ତଙ୍କୁ ଝାଡାବାନ୍ତି ହେବାସହ ତଣ୍ଟିଶୁଖିଯାଇଥିଲା। ତୁରନ୍ତ ଚିକିତ୍ସା ପାଇଁ ମେଡିକାଲରେ ସେମାନେ ଭର୍ତ୍ତି ହୋଇଥିଲେ। ଅସୁସ୍ଥମାନେ ହେଲେ ପଦ୍ମା ନାଗବଂଶ (୫୨), ଦ୍ରୌପଦୀ ନାଗବଂଶ(୨୧), କେ. ସରସ୍ୱତୀ(୩୧), କେ. ସାରଣ୍ୟା(୯), କେ. ସାଇ(୩), କେ. ଅରୁଣ(୬)।

# କିଶୋର ନ୍ୟାୟ କ୍ଷେତ୍ରରେ ସ୍ୱତନ୍ତ୍ର ଆରକ୍ଷୀ ୟୁନିଟ୍‌ର ଭୂମିକା ସମ୍ପର୍କିତ ପ୍ରଶିକ୍ଷଣ

**ଅସହାୟ ଶିଶୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ**

**ପାରଳାଖେମୁଣ୍ଡି, ୨୭।୭ (ସ୍ୱ.ପ୍ର.)**

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସ୍ଥାନୀୟ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ କିଶୋର ନ୍ୟାୟ ଅଧିନିୟମ ୨୦୧୫ ଉପରେ ସ୍ୱତନ୍ତ୍ର ଆରକ୍ଷୀ ୟୁନିଟ୍‌ର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଏସ୍‌ପି ସାରା ଶର୍ମା ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସେହିପରି ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ପ୍ରମୋଦ ରାଉଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ଆରକ୍ଷୀ ୟୁନିଟ୍‌ର ଅଧ୍ୟକ୍ଷ ଅନୀଲ କୁମାର ପ୍ରଧାନ ଏବଂ ରାଜ୍ୟସ୍ତରୀୟ ସାଧାନ ବ୍ୟକ୍ତିଭାବେ ମନୋଜ ତ୍ରିପାଠୀ ଯୋଗଦେଇଥିଲେ। ଏଠାରେ ଶିଶୁମାନଙ୍କ ଯତ୍ନ, ସୁରକ୍ଷା ଓ କିଶୋର ନ୍ୟାୟ ଅଧିନିୟମ ୨୦୧୫ର ବିଭିନ୍ନ ଆଇନ ବିଷୟରେ ଆଲୋକପାତ କରାଯାଇଥିଲା। ଶେଷରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉପସ୍ଥିତ ସମସ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ସମସ୍ତ ଥାନାର ଶିଶୁ କଲ୍ୟାଣ ଅଧିକାରୀଙ୍କୁ ଶିଶୁ ସୁରକ୍ଷା ନିୟମ ବିଷୟରେ ସୂଚନା ଦେଇଥିଲେ । ଅସହାୟ ଶିଶୁଙ୍କ ସମ୍ପର୍କରେ କିଭଳି ତୁରନ୍ତ ଶିଶୁ କଲ୍ୟାଣ ସମିତି ଏବଂ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇବା ଆବଶ୍ୟକ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା ।



କାର୍ଯ୍ୟକ୍ରମରେ ଏସ୍‌ପି ନିଜ ଅଭିଭାଷଣ ରଖୁଛନ୍ତି।

**ଉତ୍କଳ ଆଲୁମିନା ଆଗରେ ଜମିହରାଙ୍କ ବିକ୍ଷୋଭ**

# ପ୍ରଶାସନ ହସ୍ତକ୍ଷେପ ପରେ ଆନ୍ଦୋଳନ ସ୍ଥଗିତ

## ୧୩ତାରିଖରେ ଆନ୍ଦୋଳନକାରୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ହେବ

**ଟିକିରି, ୨୭।୭ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡାସ୍ଥିତ ଉତ୍କଳ ଆଲୁମିନା ଜମିହରା କ୍ଷତିଗ୍ରସ୍ତ ପରିବାର ସ୍ଥାୟୀ ନିଯୁକ୍ତି ଦାବିରେ କାରଖାନା ଆଗରେ ଧାରଣା ଦେଇଥିଲେ। ତହସିଲଦାର ସୌଭାଗ୍ୟ ବେହେରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୩ ତାରିଖରେ ଆନ୍ଦୋଳନକାରୀଙ୍କର ରହିଥିବା ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯିବ ବୋଲି ତହସିଲଦାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ପ୍ରକାଶ ଯେ, ଜମିହରା ପରିବାରରୁ ଅଧିକାଂଶ ଉତ୍କଳ ଆଲୁମିନାରେ ମେଣ୍ଟେନାନ୍ସ ବିଭାଗରେ କାମ କରୁଛନ୍ତି। ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ନେଇ ଶତାଧିକ ଯୁବକ କାରଖାନା ଆଗରେ ଧାରଣା ଦେଇଥିଲେ। ଜମିହରା ପରିବାରଙ୍କ ଦାବି ନେଇ ଉତ୍କଳ ଆଲୁମିନାର ରାଜେଶ ମିଶ୍ର ଏବଂ ଟି.ଏମ୍. ପ୍ରକାଶଙ୍କୁ ଯୋଗାଯୋଗ କରିବାରୁ ପର୍ଯ୍ୟାୟ କ୍ରମେ ସ୍ଥାୟୀ ନିଯୁକ୍ତି ଦିଆଯାଉଛି ବୋଲି ସେମାନେ କହିଥିଲେ।



କମ୍ପାନୀ ଆଗରେ ଜମିହରା ପରିବାର ପକ୍ଷରୁ ଆନ୍ଦୋଳନ ଚାଲିଛି।

### ଜାତୀୟ ରାଜପଥ ଡାଇଭର୍ସନ ଧୋଇଗଲା

**ବାଲିଗୁଡା/ତୁମୁଡିବନ୍ଧ, ୨୭।୭(ଡି.ଏନ୍.ଏ.)**

ଶୁକ୍ରବାର ସନ୍ଧ୍ୟାରୁ ତୁମୁଡିବନ୍ଧ,ବାଲିଗୁଡା ସମେତ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଅବିଶ୍ରାନ୍ତ ବର୍ଷା ଜାରି ରହିଛି। ଫଳରେ ଜାତୀୟ ରାଜପଥରେ ଥିବା ଏକ ଡାଇଭର୍ସନ ଧୋଇଯିବାରୁ କନ୍ଧମାଳ ଜିଲା ସହ ପଡୋଶୀ କଳାହାଣ୍ଡି ଜିଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। କନ୍ଧମାଳ ଜିଲା ଦେଇ ଯାଇଥିବା ୫୯ନମ୍ବର ଜାତୀୟ ରାଜପଥର ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡିଗ ନିକଟରେ କଲଭର୍ଟ ଧୋଇଯାଇଛି। ଫଳରେ ଶୁକ୍ରବାର ରାତି ୯ଟାରୁ କନ୍ଧମାଳ-କଳାହାଣ୍ଡି ଗାଡି ଚଳାଚଳ ଠପ୍ ହୋଇଯାଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମୋଟର ଅଟକି ରହିଥିଲା। ଦୂରଗାମୀ ବସଗୁଡିକ ଅଟକି ରହିବାରୁ ବହୁ ଯାତ୍ରୀ ଅଧାରାସ୍ତାରୁ ଘରକୁ ଫେରିଆସିଥିଲେ। ଯାତ୍ରୀମାନେ ଖାଇବାକୁ ନପାଇ ରାତିରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମାଲବାହୀ ଟ୍ରକ ସବୁ ରାସ୍ତା କଡରେ ଅଟକି ରହିଥିଲା। ରାସ୍ତା ଧୋଇଯିବା ଫଳରେ ମ.ରାମପୁର-କଟକ, ଭବାନୀପାଟଣା-ଭୁବନେଶ୍ୱର, ବଲାଙ୍ଗିର-ବାଲିଗୁଡା, ଧର୍ମଗଡ଼-ଭୁବନେଶ୍ୱର, ରାମପୁର-ଫୁଲବାଣୀକୁ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

**କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଚାରାରୋପଣ**

# ପରିବେଶ ସଚେତନ ହେଲେ ପିଲା

**ପାରଳାଖେମୁଣ୍ଡି, ୨୭।୭ (ସ୍ୱ.ପ୍ର.)**

ସହର ଉପକଣ୍ଠ ବେତାଗୁଡ଼ାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷକ ସୁବ୍ରତ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବମ ଶ୍ରେଣୀର ଛାତ୍ରୀଛାତ୍ର ବିଭିନ୍ନ କିସମର ଚାରାରୋପଣ କରିଥିଲେ। ସୁସ୍ଥ ପରିବେଶ ପାଇଁ ଚାରାରୋପଣ ଜରୁରୀ, ତେଣୁ ବିଦ୍ୟାଳୟ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ କରି ଛାତ୍ରୀଛାତ୍ରଙ୍କୁ ବନୀକରଣ ପାଇଁ ଉତ୍ସାହିତ କରାଯାଇଥିବା କୁହାଯାଇଛି। ଆଗାମୀ ଦିନରେ ମଧ୍ୟ ଚାରାରୋପଣ କାର୍ଯ୍ୟକ୍ରମ କରି ପରିବେଶକୁ ସୁସ୍ଥ ଏବଂ ସବୁଜମୟ କରିବାକୁ ପ୍ରଚେଷ୍ଟା ଜାରି ରହିବ ବୋଲି ବିଦ୍ୟାଳୟର ଶିକ୍ଷକମାନେ କହିଛନ୍ତି।



ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

# ମାନସିକ ସ୍ୱାସ୍ଥ୍ୟ ଶିବିର

**ପାରଳାଖେମୁଣ୍ଡି, ୨୭।୭ (ସ୍ୱ.ପ୍ର.)**

ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗୋଷାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମାନସିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୦ଜଣ ମାନସିକ ରୋଗୀ ଉପସ୍ଥିତ ରହି ଚିକିତ୍ସିତ ହୋଇଥିଲେ। ସେମାନଙ୍କୁ ଏଠାରେ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଶିବିରରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍ କଲେଜର ସହକାରୀ ପ୍ରାଧ୍ୟାପକ ବିଭୁକଲ୍ୟାଣ ସାହୁ ଯୋଗ ଦେଇ ମାନସିକ ରୋଗ ସମ୍ପର୍କରେ ବୁଝାଇଥିଲେ। ସେହିପରି ଡା. ଦୀପକ କୁମାର ନାୟକ, ପ୍ରିୟଦର୍ଶନୀ ପ୍ରଧାନ ଉପସ୍ଥିତ ରହି ରୋଗୀମାନଙ୍କ ଚିକିତ୍ସା କରିଥିଲେ । କାର୍ଯ୍ୟକ୍ରମରେ ଡା. ପ୍ରଦୀପ କୁମାର ପାତ୍ର, ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡା. ଅନଙ୍ଗ ସୁଦନ ଭୂୟାଁ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରିଥିବାବେଳେ ଗଜପତି ଜିଲାର ମାନସିକ ସ୍ୱାସ୍ଥ୍ୟକର୍ମୀମାନେ ଶିବିରକୁ ପରିଚାଳନା କରିଥିଲେ । ଏହି ଅବସରରେ ଚିକିତ୍ସାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




ଡାକ୍ତର ମାନସିକ ରୋଗୀଙ୍କ ଚିକିତ୍ସା କରୁଛନ୍ତି।

### ଯୁବକଙ୍କୁ ଆକ୍ରମଣ, ଜେଲ ଗଲେ ୨ ଭାଇ

**ଦିଗପହଣ୍ଡି, ୨୭।୭(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ଶନିବାର ଏକ ଆକ୍ରମଣ ମାମଲାରେ ଅଭିଯୁକ୍ତ ୨ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ଡୁମୁଲା ଗ୍ରାମର ପିଙ୍କୁ ସେଠୀ ଓ ଚରଣ ସେଠୀ। ମାମଲା ନଂ.୧୩୩/୧୯ରେ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ସକାଳେ ବଡ଼ଡୁମୁଲା ଗ୍ରାମର ସରୋଜ ସେଠୀଙ୍କୁ ପୂର୍ବଶତ୍ରୁତାରୁ ପଡ଼ୋଶୀ ପିଙ୍କୁ ଓ ଚରଣ ଲୁହାଛଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ସରୋଜଙ୍କ ବାପା ଓ ମା’ ଛଡ଼ାଇବାକୁ ଯିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପୋଲିସ ତଦନ୍ତ କରି ମାମଲା ରୁଜୁ କରିଥିଲା।

### ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ଜଣେ ଗିରଫ

**ଶଙ୍କରାଖୋଲ, ୨୭।୭(ଡି.ଏନ୍.ଏ.)**

ଟିକାବାଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଶନିବାର କୋଟଗଡ ଥାନା ରାଣିପଦର ଗ୍ରାମର ସାହେବ ପରାସେଠଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଟିକାବାଲି ଥାନାରେ ନଂ.୭୩/୧୯ରେ ଏକ ମାମଲା ରୁଜୁ ହୋଇଥିବା ଏଏସ୍ଆଇ ଅଶ୍ୱତ୍ଥମା ମଲ୍ଲିକ କହିଛନ୍ତି। ମୋବାଇଲ ଫୋନ୍‌ରେ ମିସ୍‌କଲ୍‌ରୁ ସମ୍ପୃକ୍ତ ଯୁବତୀ ଯୁବକଙ୍କ ମଧ୍ୟରେ ସମ୍ପର୍କ ହୋଇଥିଲା। ପରେ ସାହେବ ଯୁବତୀଙ୍କ ଘରକୁ ଆସି ବାହାହେବାକୁ ପ୍ରସ୍ତାବ ଦେଇଥିଲେ। ଯୁବତୀଙ୍କ ଘରଲୋକେ ମାନ କରିଥିଲେ। ତେଣୁ ସେ ଯୁବତୀଙ୍କୁ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।

# ବୋଲବମ୍ ସଂଘ ପକ୍ଷରୁ ଚାରାରୋପଣ

**ପାରଳାଖେମୁଣ୍ଡି, ୨୭।୭ (ସ୍ୱ.ପ୍ର.)**

ସ୍ଥାନୀୟ ବାଲୁଙ୍କେଶ୍ୱର ବୋଲବମ୍ ସଂଘ ପକ୍ଷରୁ ହାଟପଦା ଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୋଲବମ୍ ସଂଘ, ଆଇନ ସହାୟତା କର୍ମୀ ଏବଂ ସ୍ଥାନୀୟ ଚନ୍ଦ୍ରଶେଖର ମନ୍ଦିରର କର୍ମକର୍ତ୍ତାମାନେ ଯୋଗ ଦେଇ ଚାରାରୋପଣ କରିଥିଲେ । ବନବିଭାଗ ପକ୍ଷରୁ ଚାରା ଯୋଗାଇ ଦିଆଯାଇଥିଲା। ପରିବେଶର ସୁରକ୍ଷା ପାଇଁ ସମସ୍ତେ ଚାରାରୋପଣ କରିବା ଜରୁରୀ ବୋଲି ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲା । ଏଭଳି ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । କାର୍ଯ୍ୟକ୍ରମରେ ସଂଘର ସୁଜିତ ପ୍ରଧାନ, ରକି ମହାରଣା, ଶୁସାନ୍ତ କୁମାର, ସୁଧାକର ଦାସ ଓ ଅନ୍ୟ କାଉଡ଼ିଆମାନେ ଉପସ୍ଥିତ ଥିଲେ । ସଂଘ ପକ୍ଷରୁ ହାଟପଦା ସ୍ଥିତ ମନ୍ଦିର ସମ୍ମୁଖରେ ଏକ ଭକ୍ତି ସଂଗୀତ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ଗୁରୁ କୌଳାଶ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଭକ୍ତି ସଂଗୀତ କାର୍ଯ୍ୟକ୍ରମରେ ବହୁ ଶ୍ରୋତା ଯୋଗ ଦେଇଥିଲେ। ସଂଗୀତ କାର୍ଯ୍ୟକ୍ରମରେ ପ୍ରଶାନ୍ତ ପଟ୍ଟନାୟକ ଓ ରାଜୀବ ପଣ୍ଡା ସହଯୋଗ କରିଥିଲେ ।



କାଉଡ଼ିଆମାନେ ଚାରାରୋପଣ କରୁଛନ୍ତି।

# ଖବର ପ୍ରକାଶ ପରେ ରାସ୍ତା ମରାମତି ଆରମ୍ଭ

**ଧରିତ୍ରୀ ପ୍ରଭାବ**

**ଚନ୍ଦ୍ରପୁର, ୨୭।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ। ଏ ନେଇ ‘ନିର୍ମାଣକୁ ପୂରିନି ୪ମାସ, ରାସ୍ତା ଅବସ୍ଥା ଶୋଚନୀୟ’ ଶୀର୍ଷକ ଏକ ଖବର ଧରିତ୍ରୀରେ ଗତ ୨୫ ତାରିଖରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଶନିବାର ପୂର୍ତ୍ତ ବିଭାଗ ତରବରିଆ ଭାବେ ରାସ୍ତା ମରାମତି ଆରମ୍ଭ କରିଛି। ରାସ୍ତାର ଦୁରାବସ୍ଥା ପାଇଁ ଘଟୁଥିବା ଦୁର୍ଘଟଣା ଏବେ କମିବ ବୋଲି ଖିଲାମୁଣ୍ଡା, ତେଲେଙ୍ଗାପଦର ଗ୍ରାମବାସୀ କହିଛନ୍ତି।



ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।